ଧରିତ୍ରୀ
DHARITRI

May 19-25, 2019 ₹ 2/-

# ଛୁଟିଦିନ



## ବାତ୍ୟା ପରର ଜୀବନ

୩
ପ୍ରଚ୍ଛଦ ପ୍ରସଙ୍ଗ

ଉପକୂଳ ଓଡ଼ିଶାରେ ଏମିତି କିଛି
ଗାଁ ଅଛି, ଯେଉଁଠାରେ ଲୋକେ ବାରମ୍ବାର
ବନ୍ୟାବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ
ହୁଅନ୍ତି । ପୁଣି ଅଣ୍ଟା ଭିଡି ଛିଡା
ହୁଅନ୍ତି । ତେବେ କେମିତିଥାଏ ତାଙ୍କ
ବାତ୍ୟା ପରର ଜୀବନ....

୮/୯
ସିନେମା



୧୩
ସହରଠୁ ଦୂର



# ସୁଖଦ ଯାତ୍ରା ପାଇଁ..

ସୋଲୋ ଟ୍ରାଭଲିଂ ମାନେ ମନପସନ୍ଦର ସ୍ଥାନକୁ ଏକା ଭ୍ରମଣ କରିବା । ତେବେ ଏହି ସୋଲୋ ଟ୍ରାଭଲିଂ ସମୟରେ କିଛିଟା ବିଶେଷ ଦିଗ ପ୍ରତି ନିହାତି ଧ୍ୟାନ ଦେବା ଦରକାର । ଆସନ୍ତୁ ଜାଣିବା ସେ ସମ୍ପର୍କରେ....



* ଭ୍ରମଣରେ ଯିବା ପୂର୍ବରୁ ସ୍ଥାନ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରନ୍ତୁ ।
* ଟ୍ରାଭେଲ ଏଜେନ୍ସିର ସହଯୋଗରେ ସେଠାରେ ରହିବା, ଖାଇବା, ଦର୍ଶନୀୟ ସ୍ଥାନ ବୁଲିବା ପାଇଁ ପ୍ରିବୁକିଙ୍ଗ କରି ନିଅନ୍ତୁ ।
* ଯେଉଁ ସମୟରେ ବୁଲିବାକୁ ଯାଉଛନ୍ତି ସେହି ସମୟରେ ସେଠାକାର ପାଣିପାଗ ଏବଂ ପରିବେଶ ସମ୍ପର୍କରେ ତଥ୍ୟ ସଂଗ୍ରହ କରନ୍ତୁ ଯଦ୍ଵାରା ଆପଣ ପାଣିପାଗ ମୁତାବକ ପୋଷାକ ସାଙ୍ଗରେ ନେଇପାରିବେ ।
* ସବୁବେଳେ ଅଫ୍ ସିଜନ୍‌ରେ ଭ୍ରମଣ କରିବା ଯୋଜନା ପ୍ରସ୍ତୁତ କରନ୍ତୁ, ଯଦ୍ଵାରା ହୋଟେଲ ଏବଂ ଟିକେଟ ଖର୍ଚ୍ଚକୁ କିଛି ମାତ୍ରାରେ କମ୍ କରାଯାଇପାରିବ ।
* ଦରକାରୀ ଜିନିଷପତ୍ର ସହ ଫାଷ୍ଟ ଏଡ୍ ବକ୍ସ ନେବାକୁ ଯେପରି ନ ଭୁଲନ୍ତି ।
* ସେଠାରେ ବହୁ ମୂଲ୍ୟ ହୋଟେଲରେ ରହିବା ଅପେକ୍ଷା ସ୍ଥାନୀୟ କୌଣସି ସଫାସୁତରା ଗେଷ୍ଟ ହାଉସ୍ ବା ଲୋକାଲ ମାର୍କେଟରେ ଥିବା କୌଣସି ରେଷ୍ଟୁରାଣ୍ଟର ଚୟନ କରନ୍ତୁ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୧୯-୨୫

**ମେଷ**

ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ନୂତନ ଯୋଜନାରେ ସିଦ୍ଧି, ମିତ୍ରବନ୍ଧୁଙ୍କ ସହଯୋଗ, ପାରିବାରିକ ସୌଖ୍ୟ, ଆନୁଷ୍ଠାନିକ କାମରେ ଦକ୍ଷତା, ଏକାଧିକ ବ୍ୟକ୍ତିଙ୍କ ସହ ମିତ୍ରତା, ୨୦ ତାରିଖରେ ସତର୍କତା ଅବଲମ୍ବନ କରନ୍ତୁ ।

**ବୃଷ**

ଶାରୀରିକ ସୁସ୍ଥତା, ଅର୍ଥଲାଭ, ଜନକଲ୍ୟାଣ କର୍ମାରମ୍ଭ, ନୂତନ କର୍ମସଂସ୍ଥାନ, ବ୍ୟସ୍ତତା ବୃଦ୍ଧି । ଅଧ୍ୟାପନାରେ ଉନ୍ନତି, ସଙ୍ଗୀତରେ ଆଗ୍ରହ, ପରିବାରରେ ଶୁଭକର୍ମ, ସନ୍ତାନବର୍ଗରେ ଉନ୍ନତି ।

**ମିଥୁନ**

ସାମାଜିକ ପ୍ରତିଷ୍ଠା, ଯାନବାହନ କ୍ରୟ, ଭ୍ରମଣ ସୁଖ, ଯାତ୍ରା ସଫଳ, ସରକାରୀ ସାହାଯ୍ୟ, ପରିବହନରେ ଝଗଡ଼ା, ମନ ଅସ୍ଥିର ରହିବ, ଅନ୍ୟମନସ୍କତା, ବ୍ୟବସାୟରେ କ୍ଷତି, ପାରିବାରିକ ଅଶାନ୍ତି, ବକେୟା ପ୍ରାପ୍ତି ।

**କର୍କଟ**

ପ୍ରତିକୂଳ ପରିବେଶ, ଶୁଭେଚ୍ଛୁଙ୍କ ଆଶ୍ଵାସନା, ଭାରାକ୍ରାନ୍ତ ମନ, ଅତୀତ ଅନୁଚିନ୍ତା, ବନ୍ଧୁଙ୍କ ମତଭେଦ, ଦୂରସ୍ଥାନକୁ ଯାତ୍ରା । କଚେରି ମାମଲାରେ ଦୁଶ୍ଚିନ୍ତା, ପ୍ରଶାସନିକ ସଫଳତା ।

**ସିଂହ**

ପର୍ଯ୍ୟାପ୍ତ ସୁଯୋଗ ଲାଭ, ଉଚ୍ଚବର୍ଗଙ୍କ ସହାୟତା, ଆତ୍ମୀୟଙ୍କ ଅନୁରକ୍ତି, ସଭାସମିତିରେ ଋଣ ପରିଶୋଧ, ପରିବାରରେ ମତାନ୍ତର, ପଡ଼ୋଶୀଙ୍କ ମିଥ୍ୟାପବାଦ, ଅନିଦ୍ରାଜନିତ କ୍ଳେଶ ।

**କନ୍ୟା**

ଶୁଭଖବର ପ୍ରାପ୍ତି, ମିତ୍ରବନ୍ଧୁ ମିଳନ, ଯୋଜନାବଦ୍ଧ କାମ, ବ୍ୟୟ ବହୁଳତା, ସମସ୍ୟା ସମାଧାନ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ସ୍ଵାସ୍ଥ୍ୟରେ ଉନ୍ନତି । ପୁଞ୍ଜିନିବେଶରୁ ଲାଭ, ଗବେଷଣାରେ ଅଗ୍ରଗତି, କୁଟୁମ୍ବେ ସୌଖ୍ୟ, ସେବା ପରୋପକାର ।

**ତୁଳା**

ସମ୍ପର୍କରେ ଉନ୍ନତି, ମାନସିକ ଅବସାଦ, ପାରିବାରିକ ତିକ୍ତତାର ସମାପ୍ତି, ଅତିଥି ଚର୍ଚ୍ଚା, ଅପନିନ୍ଦା । ପଦାଧିକାରୀଙ୍କ ଅନୁକମ୍ପା, ଯାନ୍ତ୍ରିକ ତ୍ରୁଟି, ପରୋକ୍ଷ ଶତ୍ରୁତା, ଯୋଜନା ବିଗିଡ଼ିଯିବ, ବନ୍ଧୁଙ୍କ ନିମନ୍ତ୍ରଣ, ସହକର୍ମୀଙ୍କ ଉଦାରତା ।

**ବିଛା**

ପରିସ୍ଥିତି ବଦଳିବ, ମୂଲ୍ୟବାନ୍ ଦ୍ରବ୍ୟପ୍ରାପ୍ତି, କ୍ରନିକ୍ ରୋଗରେ ପୀଡ଼ା, ଦୈହିକ ଦୁର୍ବଳତା, ମହାଜନୀ ଚାପ, ସମାଲୋଚିତ ହେବେ, ରାଜନୀତିରେ ନେତୃତ୍ଵ, ପ୍ରତିକୂଳ ସ୍ଵାସ୍ଥ୍ୟ, ବ୍ୟବସାୟିକ ସଫଳତା ବନ୍ଧୁ ପ୍ରସ୍ତାବ ଆସିବ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା ।

**ଧନୁ**

ନୂତନ ନିଯୁକ୍ତି ଖବର, ଅର୍ଥନୈତିକ ଅଭିବୃଦ୍ଧି, ଉଚ୍ଚ ପଦବୀ ଲାଭ, ବୀମାଧନ ପ୍ରାପ୍ତି, ସରସତା ରହିବନି, ମିତ୍ରବନ୍ଧୁ ମିଳନ, ବ୍ୟୟବହୁଳ ଯାତ୍ରା, ସଭାସମିତିରେ ଦ୍ଵନ୍ଦ୍ଵ, ଅଶୁଭବାର୍ତ୍ତା ଶ୍ରବଣ ।

**ମକର**

ଦାମ୍ପତ୍ୟରେ ଶିଥିଳତା, ସମ୍ପର୍କରେ ହାନି, ସ୍ଥିତି ଅନୁକୂଳ ହେବ, ଲୋକ ସମ୍ପର୍କ ବୃଦ୍ଧି, ଅପଦସ୍ଥ ହେବେ । ବନ୍ଧୁଙ୍କ ସନ୍ଦେହ, କର୍ମକ୍ଷେତ୍ରରେ ଦ୍ଵନ୍ଦ୍ଵ, ଆତ୍ମୀୟଙ୍କ ଅସହଯୋଗ, ମାଲିମକଦ୍ଦମାରେ ବିଜୟପ୍ରାପ୍ତି ।

**କୁମ୍ଭ**

ଅର୍ଥ ସମ୍ପଦ ପ୍ରାପ୍ତି, ପ୍ରତିଦ୍ଵନ୍ଦ୍ଵିତାରେ ସଫଳତା, ବିଳାସ ଉପକରଣରେ ଲାଭ, ସଙ୍ଗୀତ, ସଂସ୍କୃତିରେ ରୁଚି, ବନ୍ଧୁଙ୍କ ସନ୍ଦେହ, ସହକର୍ମୀଙ୍କ ଭୁଲ୍ ବୁଝାମଣା, ପୀଡ଼ାନୁଭ । ପରିସ୍ଥିତିର ମୁକାବିଲା, ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ । ଠକାମିରେ ପଡ଼ିବେ, ଭାଇଙ୍କ ପାଇଁ ଚିନ୍ତା ।

**ମୀନ**

ଭ୍ରମଣ ସୁଯୋଗ, ମିଥ୍ୟା ଗୁଜବରୁ ମାନସିକ ଆଘାତ, ବିବାଦଗ୍ରସ୍ତ ହେବେ, ସଙ୍ଗଦୋଷରୁ ସମାଲୋଚନା, ସହକର୍ମୀଙ୍କ ଅପପ୍ରଚାର, ପ୍ରିୟଜନ ସହ ବିବାଦ, ଗୃହନିର୍ମାଣରେ ଦ୍ଵନ୍ଦ୍ଵ, ସମ୍ପର୍କ ଛିନ୍ନ ହୋଇପାରେ, ଲେଖାପଢ଼ାରେ ଉନ୍ନତି ।

# ପେଟ୍ କ୍ରିଏଟିଭ୍ ଗ୍ରୁମିଙ୍ଗ୍

ଘରେ ଯଦି କୌଣସି ପୋଷା କୁକୁର ବା ବିରାଡି ରଖିଛନ୍ତି ତେବେ ସେମାନଙ୍କୁ ଆପଣ ବାଘ, ଘୁଷୁରି ଏପରି କି ମିକିମାଉସ୍ ଏବଂ ଡୋନାଲ୍ଡ ଡକ୍‌ରେ ମଧ୍ୟ ପରିଣତ କରିପାରିବେ । ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ । କିନ୍ତୁ ଏହା ସମ୍ଭବ ହୋଇପାରୁଛି ଚାଇନାରେ ଥିବା ପେଟ ଗ୍ରୁମିଙ୍ଗ ଏବଂ ଡିଜାଇନିଙ୍ଗ ସେଣ୍ଟର ଦ୍ଵାରା । ଏହି ସେଣ୍ଟର ଗୁଡିକରେ ଲୋମଯୁକ୍ତ ଗୃହପାଳିତ କୁକୁର ବା ବିଲେଇଙ୍କ ଲୋମକୁ କାଟି ତାକୁ ବିଭିନ୍ନ ଶେପ୍ ଦେବା ପରେ ତାକୁ ପ୍ରାକୃତିକ କଲରରେ ଡାଏ କରାଯାଇ ଏକ ଭିନ୍ନ ରୂପ ଦିଆଯାଇଥାଏ । ମାଲିକଙ୍କ ଡିମାଣ୍ଡ ଅନୁଯାୟୀ ଏଠାରେ କାର୍ଯ୍ୟରତ ଅଭିଜ୍ଞ କ୍ରିଏଟିଭ୍ ଗ୍ରୁମର୍‌ମାନେ ପୋଷା ଜୀବଙ୍କୁ ବିଭିନ୍ନ କ୍ରିଏଟିଭ ଲୁକ୍ ମାଧ୍ୟମରେ ଜେବ୍ରା, ଜିରାଫ, ବିଭିନ୍ନ କାର୍ଟୁନ ଚରିତ୍ରର ରୂପ ଦେଇଥାନ୍ତି । କୁକୁର ବା ବିଲେଇଙ୍କ ଏପରି ପରିବର୍ତ୍ତିତ ରୂପକୁ ଦେଖିବା ଯେତିକି କୌତୂହଳପୂର୍ଣ୍ଣ ସେତିକି ଆଶ୍ଚର୍ଯ୍ୟଜନକ ମଧ୍ୟ ।



# ପାଠକୀୟ

❖ଦିନ ଥିଲା ସକାଳ ହେଉ କି ସନ୍ଧ୍ୟା, ଗାଁରେ ଯାହା ଘରେ ରେଡିଓଟିଏ ଥିଲା ତାଙ୍କ ଦୁଆରେ ସାହିଲୋକଙ୍କ ଭିଡ଼ ଜମୁଥିଲା । ହେଲେ ଟିଭି ଓ ସୋସିଆଲ ମିଡିଆର ବ୍ୟବହାର ପରେ ରେଡିଓର ଚାହିଦା ଆଗ ଭଳି ନ ଥିଲେ ମଧ ଗୋଷ୍ଠୀ ବେତାର କେନ୍ଦ୍ରରୁ ପ୍ରଚାର ପ୍ରସାର ହେଉଥିବା ଜନସଚେତନତାଧର୍ମୀ କାର୍ଯ୍ୟକ୍ରମଗୁଡ଼ିକ ବେଶ୍ ଲୋକପ୍ରିୟ ହୋଇପାରୁଛି । ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟବସ୍ତୁକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'କମ୍ୟୁନିଟି ରେଡିଓ'ଟି ବେଶ୍ ଆକର୍ଷଣୀୟ ଲାଗୁଥିଲା । 'ଖରାଦିନେ ଘର ରହିବ କୁଲ୍ କୁଲ୍' ପାଠଟିରୁ ଅନେକ କିଛି ଶିଖିବାକୁ ମିଳିଲା ।

*–ତମନ୍ନା ଦାଶ, ବ୍ରହ୍ମଗିରି, ପୁରୀ*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'କମ୍ୟୁନିଟି ରେଡିଓ' ଏକ ବେଶ୍ ଉପାଦେୟ ଆଲେଖ୍ୟ ଥିଲା । ଏଥିରୁ କମ୍ୟୁନିଟି ରେଡିଓର କାର୍ଯ୍ୟବିଧି ସମ୍ପର୍କରେ ଅନେକ କିଛି ଅଜଣା ତଥ୍ୟ ଜାଣିବାକୁ ମିଳିଲା । ବ୍ୟକ୍ତିତ୍ଵ ପୃଷ୍ଠାରୁ ଭାରତୀୟ ମହିଳା ପେଣ୍ଟର ଲଳିତା ଲାଜ୍‌ମିଙ୍କ ଜୀବନୀ ସମ୍ପର୍କରେ ବହୁ କଥା ଜାଣିହେଲା । ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଖରାର ଛଅଟି ସ୍କେଚ୍' ନାମକ କବିତାଟି ମୋ ମନକୁ ବେଶ୍ ଛୁଇଁପାରିଥିଲା ।

*–ରଘୁବୀର ତ୍ରିପାଠୀ, ରାଜକନିକା, କେନ୍ଦ୍ରାପଡ଼ା*

❖ଏଥରର ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା । ଖାସ୍‌କରି ଏଥିରେ ସ୍ଥାନିତ ଅନନ୍ୟାଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା । ଗୀତିକାର, ସ୍ତମ୍ଭକାର, କବି ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଜ୍ୟ ସଂସାଧନ ସଦସ୍ୟ ଅବନୀ କୁମାର ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ହୃଦୟସ୍ପର୍ଶୀ ଥିଲା । ସେହିପରି 'ରଙ୍ଗିନ ଉଦ୍ଭାବନ' ପାଠଟି ବି ସତରେ ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା ।

*–ଅଭିନବ ମହାନ୍ତି, ଭବାନୀପାଟଣା*

❖ସହର ପୃଷ୍ଠାରୁ 'ମହଲ ଓ ବଗିଚାର ସହର କପୁରଥାଲା' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା । ଏଥରର ହାଃ ହାଃ ଏତେ ମଜାଦାର ଥିଲା ଯେ, ହସ ରୋକିହେଲାନି । ଅନ୍ୟପକ୍ଷେ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'କାର୍ଡବୋର୍ଡର ଯୁଦ୍ଧଟ୍ୟାଙ୍କ୍' ଏବଂ 'ମା' ପୁଅ ମ୍ୟାଚିଂ ମ୍ୟାଚିଂ' ଆଦି ପାଠ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା ।

*–ପ୍ରିୟଙ୍କା ସାହୁ, କୁହୁଡ଼ି, ଖୋର୍ଦ୍ଧା*

❖ଯାତ୍ରା ପୃଷ୍ଠାରୁ ସତ୍ୟବ୍ରତ ପଣ୍ଡା ଏବଂ ଜଗନ୍ନାଥ ମହାପାତ୍ରଙ୍କ ଯାତ୍ରା ଇନିଂସ୍ ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା । ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ବିଲେଇ ପାଇଁ ଘରେ ତିଆରି ହେଲା ଗଛ' ଲେଖାଟି ବି ଏକ ନିଆରା ବିଷୟ ଥିଲା ।

*–ବାନାମ୍ବର ଖୁଣ୍ଟିଆ, ସୋର, ବାଲେଶ୍ଵର*

## ବିଶେଷ ଚିଠି



**ହେ** ଧରିତ୍ରୀ ଛୁଟିଦିନ
ତୁମ ଆଗମନେ
ମୋର ଅନେକ ପ୍ରୀତି ଅଭିନନ୍ଦନ
ସାଥୀ ପୃଷ୍ଠା ସହ ପ୍ରଚ୍ଛଦ ପ୍ରସଙ୍ଗ
ତା'ସହ ସୃଜନ, ବ୍ୟାକ୍‌ପେଜ୍ ଖବର
ସତେ କିମିଆ କରୁଛି ତନୁମନ
ସପ୍ତାହକୁ ଥରେ ଆସେ ଛୁଟିଦିନ
ତାକୁ ପାଇବାକୁ ବ୍ୟାକୁଳ ହୁଏ ମନ ।

*–ବିନୋଦ ବିହାରୀ ବେହେରା, ନୂଆସାହି, ରାୟସାର୍ ଲେନ୍, ନୂଆବଜାର, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795







# ବାତ୍ୟା ପରର ଜୀବନ


ଉପକୂଳ ଓଡ଼ିଶାରେ ବାରମ୍ବାର ଘଟୁଛି ପ୍ରାକୃତିକ ବିପର୍ଯ୍ୟୟ। କେବଳ ମଣିଷ ନୁହେଁ ଜୀବଜନ୍ତୁ ଭୋଗୁଛନ୍ତି ନାହିଁ ନ ଥିବା ଅସୁବିଧା । କେହିଭାବି ନ ଥିଲେ ଫନୀ ଏମିତି ଓଡ଼ିଶାର କିଛି ଅଞ୍ଚଳକୁ ବିବର୍ଣ୍ଣ କରିଦେବ । ଏଟିଏମ, ମୋବାଇଲ, ପେଟ୍ରୋଲପମ୍ପ ସବୁକିଛି ଅଚଳ ହୋଇଗଲା । ସଞ୍ଜ ନଇଁଲେ ଗାଁରୁ ସହର ଚାରିଆଡ଼ କେବଳ ଘନଅନ୍ଧାର । ବାସହରାଙ୍କ କ୍ରନ୍ଦନ ସୂଚାଇ ଦେଉଥିଲା ଫନୀର ଭୟଙ୍କର ପ୍ରକୋପକୁ । କିନ୍ତୁ ଓଡ଼ିଶାର ଉପକୂଳରେ ଏମିତି କିଛି ଅଞ୍ଚଳ ଅଛି, ଯେଉଁଠି ଲୋକମାନେ ବାରମ୍ବାର ଝଡ଼ବର୍ଷାର ସମ୍ମୁଖୀନ ହୋଇ ଜୁଝିଥାନ୍ତି ପ୍ରାକୃତିକ ବିପର୍ଯ୍ୟୟ ସହ ।....

ପ୍ରଳୟଙ୍କରୀ ବାତ୍ୟାର ୭ଦିନ ପରେ ଆମେ ପହଁଞ୍ଚିଥିଲୁ ବାତ୍ୟା ପ୍ରପୀଡିତ ଏକ ଅଞ୍ଚଳରେ । ମେ ମାସର ଦ୍ୱିତୀୟ ଶନିବାର । ସକାଳୁ ସକାଳୁ ଆକାଶ ଥିଲା ସଫା, ଟାଣଖରାର ତାତି ଚାଇଁଚାଇଁ ମାରୁଥିଲା । ସୋରଣ ଚିଲିକାକୂଳରୁ ପ୍ରାୟ ୩୦କିମି ଦୂର ଉପକୂଳବର୍ତ୍ତୀ ତରାପି,ବରଡ଼ି, ବାଲିଆ, ବଉଳାବନ୍ଧ, ନଇରୀ, ଗଙ୍ଗାଧରପୁର, କୁମାଣ୍ଡଳ, ପଞ୍ଚୁପଲ୍ଲୀ, ସିଙ୍ଗେଶ୍ୱର ଗାଁଦେଇ ଯାଉଥିବାବେଳେ ଚିଲିକାକୂଳ ଥିଲା ଶୂନଶାନ୍ । ବାଲୁଗାଁଠାରୁ ନଂ. ୧୬ ଜାତୀୟ ରାଜପଥରେ ରମ୍ଭା ଅଭିମୁଖେ ଯିବାବେଳେ ରାସ୍ତାକଡ଼ରେ ଠାଏ ଠାଏ ତାଳପତ୍ର ଗଦାହୋଇଥିବା ଦେଖିବାକୁ ମିଳୁଥିଲା । ପାଲୁର ଜଙ୍କସନ୍‌ଠାରୁ ଦିଗଭାଙ୍ଗି ନନ୍ଦଳା, ପାଇକେରାପୁର, ରାମଲେଙ୍କା, ମାଲୁଦ ଦେଇ ପ୍ରାୟ୪୦କିମିଦୂର ଯିବାପରେ ପଡ଼ିଲା କୃଷ୍ଣପ୍ରସାଦଗଡ଼ । ଏମିତିରେ ବାରିହୋଇ ପଡୁଥିଲା ଫନୀରେ ପୀଡ଼ିତ ଗାଁଗୁଡ଼ିକର ଦୁର୍ଦ୍ଦଶା । ଚିଲିକା ଚାରିଛକରୁ ସିପିଆ–ବଡ଼ଖାଡ଼ଗାଁର ଚିଲିକା ଘେରିବନ୍ଧ ବାଟରେ ପ୍ରାୟ୧୨କିମିଦୂର ଖୀରିସାହିରେ ପହଁଞ୍ଚିଲାବେଳକୁ ଅପରାହ୍ନ ୩ଟା ହୋଇସାରିଥିଲା ।

**ଉପକୂଳ ଓଡ଼ିଶାରେ ଏମିତି କିଛି ଗାଁ ଅଛି, ଯେଉଁଠାରେ ଲୋକେ ବାରମ୍ବାର ବନ୍ୟାବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୁଅନ୍ତି । ପୁଣି ଅଣ୍ଟା ଭିଡି ଛିଡା ହୁଅନ୍ତି । ତେବେ କେମିତିଥାଏ ତାଙ୍କ ବାତ୍ୟା ପରର ଜୀବନ....**

**ଚିଲିକା ଘେରିଛି ସମୁଦ୍ର ଚାହିଁଛି–ଖୀରିସାହିକୁ:** ଏଠାର ପରିସ୍ଥିତି ସମ୍ପର୍କରେ ଜାଣିବା ପାଇଁ ସାହିଭିତରକୁ ପ୍ରବେଶମାତ୍ରେ ନଜର ପଡ଼ିଥିଲା ବାତ୍ୟାରେ ଭଙ୍ଗିଯାଇଥିବା ଏକ କୁଡ଼ିଆଘର ସମ୍ମୁଖରେ ଜଣେ ବୃଦ୍ଧା ଟିଣଚୁଲାରେ ରୋଷେଇ କରୁଥିବା ବେଳେ ତାକୁ ଘେରି ରହିଥିଲେ କେତେଜଣ କୁନିକୁନି ପିଲା । ସେମାନେ ହାତରେ ଡେକ୍‌ଚି, ଥାଳି ଓ ଢାଙ୍କୁଣୀଧରି ଅପେକ୍ଷା କରିଥାନ୍ତି ମୁଠେ ଭାତ ପାଇଁ। ଏମିତି ବାତ୍ୟାପୀଡ଼ିତ ଭୋକିଲା ମଣିଷଙ୍କ କରୁଣ ଦୃଶ୍ୟ ଦେଖିବାକୁ ମିଳିଥିଲା ଏହି ଗାଁରେ । କାଳିଆମା କୁହନ୍ତି, ବାତ୍ୟାର ଗୋଟିଏ ଦିନ ପୂର୍ବରୁ ମୋ ସ୍ୱାମୀ କୁରୁମାୟାଙ୍କ ଦେହ ଅସୁସ୍ଥ ଥିଲେ ବି ବହୁକଷ୍ଟରେ ତାଙ୍କୁନେଇ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳକୁ ପଳାଇଥିଲୁ । ତା' ପରେ ରାତିରେ ଝଡ଼ପବନ ହେଲା ପୁଣି ସକାଳେ ବଡ଼ବାତ୍ୟାରେ ଘର, ଗଛ ସବୁ ଭାଙ୍ଗିଗଲା । ପାଖରେ ଥିବା ଝିଅ ଓ ତା'ର ଗୋଟିଏ ୫ବର୍ଷର ପୁଅ । ଘରେ ଖାଇବାକୁ କିଛିବି ନାହିଁ । କରମକୁ ଆଦରି ପଡ଼ିଛି। ପୋଡ଼ାମୁହାଁ ଫନୀମାଡ଼ରେ ବାଲିକୁଦାରେ ଠିଆହୋଇଥିବା ଝାଟିମାଟିର କାନ୍ଥଟି ଭୁଶୁଡ଼ିଯାଇ ମାଟିରେ ମିଶିଯାଇଛି। ଅଞ୍ଜଳ ବେହେରା କୁହନ୍ତି, ମୋ ଘରକୁ ଫନୀ ଭାଙ୍ଗିଦେଲା। ଆମେ ଗରିବଲୋକ ଆଜ୍ଞା, ସବୁବେଳେ ଏମିତି ବନ୍ୟା ବାତ୍ୟା ଆମ ଉପରେ ଦାଉ ସାଧୁଛି। ଏହି ଅଞ୍ଚଳରେ ପ୍ରଥମେ ଫନୀ ସମୁଦ୍ରକୁ ଓହ୍ଲେଇ ଆସି ବାଟଭାଙ୍ଗି ପଳାଇଛି। ତାର ପ୍ରଥମ ଚୋଟରେ ଚାରିଆଡ଼ ନାହିଁ ନ ଥିବା ଦୁର୍ଦ୍ଦଶା ଘଟାଇଛି। ଗାଁର ଚାଳ,ଆଜବେଷ୍ଟସ, ଛପର ଉଡ଼େଇ ଦେଇଛି, ଘରଭାଙ୍ଗିଛି,ବଡ଼ବଡ଼ ନଡ଼ିଆ, ଝାଉଁ, କାଜୁ ପୋଲାଙ୍ଗ ଗଛ ମୋଡ଼ିମାଡ଼ି ଭାଙ୍ଗି ଦେଇଛି। ସେ ଯିବାପରେ ଏବେ ମାଟିତଳୁ ନିଜର ନିଖୋଜ ଜିନିଷପତ୍ରକୁ ଖୋଜୁଛି। ଯେଉଁ ସ୍ଥାନରେ ବିଶ୍ରାମ ନେଉଥିଲୁ ଏବେ ତାହା ସ୍ୱପ୍ନ ପାଲଟିଛି। କୃଷ୍ଣପ୍ରସାଦ ବ୍ଲକ ବ୍ରହ୍ମପୁରା ଗ୍ରା.ପ.ର ଖୀରିସାହିର ଜଣେ ଗ୍ରାମବାସୀ କାଳୁଚରଣ ବେହେରା କୁହନ୍ତି, ଆମ ଗାଁର ଲୋକସଂଖ୍ୟା ପ୍ରାୟ୧୨ଶହ, ଘର ସଂଖ୍ୟା୨ଶହ ୯୦ହେବ। ବାପ ଗୋଷିବାପ ଅମଳରୁ ଚିଲିକାରେ ରୋଜଗାର କରୁଛୁ। ଆମେ ତେଲୁଗୁ →









ନୋଳିଆ ସମ୍ପ୍ରଦାୟର। ଗୋଟିଏ ଟିପାରେ ୧୨ରୁ ୧୫ଜଣ ସମୁଦ୍ରକୁ ଯାଇଥାଉ । ୨୦୧୩ ଫାଇଲିନରେ କ୍ଷତିଗ୍ରସ୍ତ ହେଲୁ, ପୁଣି ଫନୀ ଅଧିକ ଦୁଃଖବଢାଇ ଦେଇଛି। ଟିପା (ସମୁଦ୍ରଡ଼ଙ୍ଗା) ରଖିନାହିଁ ସବୁ ଭାଙ୍ଗିରୁଜି ଦେଇଛି । ବାତ୍ୟା ଆସିବା ପୂର୍ବରୁ ପିଲାଙ୍କୁ କାନ୍ଧରେ ବସାଇ ଚିଲିକା ପାଣିରେ ପଶି ନିକଟସ୍ଥ ଗାଁକୁ ପାର ହେଉଥିଲାବେଳେ ଡଙ୍ଗା ବି ପଲଟିଯାଇଥିଲା। ପୁଣି ଗାଁ କୁ ଜଗିଥିବା ଏକ ବାଲିବନ୍ଧରେ ଘାଇ ହେବାରୁ ରାତି ଅଧରେ ଗାଁରେ ପାଣି ପଶିଯିବାରୁ ସଙ୍ଗେସଙ୍ଗେ ସେଠାରେ ଲୋକମାନେ ପହଁଞ୍ଚି ଘାଇରେ ବନ୍ଧ ବାନ୍ଧିଥିଲୁ। ରିଙ୍ଗବନ୍ଧ ପାଇଁ ପ୍ରଶାସନ ଓ ବିଧାୟକଙ୍କୁ ଜଣାଇ ନିରାଶ ହୋଇଛୁ। ନାରାୟଣ ବେହେରା କୁହନ୍ତି, ଆମଗାଁ, ଚିଲିକା ଓ ସମୁଦ୍ର ପେଟରେ ରହିଛି। ସମୁଦ୍ର ପ୍ରାୟ ୧କିମି ଦୂର । ଚିଲିକା ଗାଁକୁ ଘେରି ରହିଛି। ଗାଁର ସଭାପତି ତାତ ବେହେରା କୁହନ୍ତି, ବର୍ଷର ସବୁ ସମୟରେ ଆମେ ଝଡ଼ବର୍ଷାର ସମ୍ମୁଖୀନ ହେଉଛୁ। ଯେତେ ବିପଦ ଆସିଲେ ବି ଜୀବନମରଣ ସହ ସଂଗ୍ରାମକରି ରହିବାକୁ ପଡ଼େ। ଗାଁର ପୂର୍ବ ଓ ପଶ୍ଚିମପଟେ ଲୁଣା ରିଙ୍ଗବନ୍ଧର ଆବଶ୍ୟକତା ରହିଛି। ସମସ୍ତଙ୍କୁ ବାତ୍ୟା ନିରୋଧୀ ଛାତଘର ଦରକାର ପଡୁଛି। ଜୀବନ ବଞ୍ଚିଛି ହେଲେ ସବୁବର୍ଷ ଘର ଭାଙ୍ଗୁଛି ପୁଣି ସଜଡ଼ା ଯାଉଛି।

**ତିନିପଟେ ଚିଲିକା ଗୋଟେ ପଟେ ସମୁଦ୍ର ଘେରିଛି ବ୍ରହ୍ମପୁରାକୁ-:** ଜହ୍ନିକୁଦ ଓ ସାତପଡ଼ାଠାରୁ ଜଳପଥରେ ପ୍ରାୟ ୧ଘଣ୍ଟା ସମୟ ଲାଗେ ବ୍ରହ୍ମପୁରା। ତିନିପଟକୁ ଘେରି ରହିଛି ଚିଲିକା ଜଳ ଓ ପୂର୍ବପଟକୁ ରହିଛି ସମୁଦ୍ର । ଫନୀ ଭୂମିପାତର ପ୍ରଥମ ଫଣା ଏହି ଅଞ୍ଚଳରେ ଟେକିଥିଲା। ପୂର୍ବାହ୍ନରେ ପୁରୀ ବାଲୁକାଖଣ୍ଡ ଆଡ଼କୁ ଗତିକରିଥିଲା । ହେମନ୍ତ ମଲିକ କୁହନ୍ତି, ପୂର୍ବରୁ ରେଡିଓ, ଟିଭି, ମୋବାଇଲ୍ ଓ ଖବର କାଗଜରୁ ସମ୍ଭାବ୍ୟ ବାତ୍ୟା ବିଷୟରେ ଅବଗତ ହୋଇଥିବାରୁ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିଲୁ। ସେଦିନଥିଲା ୨ ତାରିଖ ରାତି ପ୍ରାୟ ୩ଟା ହେବ । ବାରିପଟୁ ସମୁଦ୍ରର ସୁସୁ ବିକଟାଳ ଗର୍ଜନରେ ଆମେ ଭୟଭୀତ ହୋଇପଡ଼ିଥିଲୁ। ବିଶ୍ୱରଞ୍ଜନ ଜେନା କୁହନ୍ତି, ଆମଗାଁର ଲୋକସଂଖ୍ୟା ପ୍ରାୟ ୫ହଜାର, ୧୧ଟି ୱାର୍ଡ, ଅଧିକାଂଶ ମତ୍ସ୍ୟଜୀବୀ । ପ୍ରତିବର୍ଷ ସାମୁଦ୍ରିକ ଝଡ଼ବର୍ଷାଯୋଗୁଁ ଏହି ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ଘଟିଥାଏ । ବ୍ରହ୍ମପୁରା-୫ଟା ୱାର୍ଡ, ଘର ୭ଶହ, ଲୋକସଂଖ୍ୟା-୩ହଜାର, ଅଙ୍ଗନୱାଡି ୨ଟି, ସ୍କୁଲ ୩ଟା ରହିଛି। ଫନୀରେ ସମ୍ପୂର୍ଣ୍ଣଭାବେ ପ୍ରାୟ୨ଶହ ଘର ଭାଙ୍ଗିରୁଜି ଯାଇଛି। ଅନେକଗଛ ଘରର ଛପର, କାନ୍ଥ ନଷ୍ଟ ହୋଇଛି। ୩ଶହରୁ ଅଧିକ ଗୃହପାଳିତ ପଶୁଙ୍କ ଜୀବନ ହାନି ଘଟିଛି । ଗାଁ ସଭାପତି କୃଷ୍ଣଚନ୍ଦ୍ର ଜେନା କୁହନ୍ତି, ୨୦୧୦ରେ ଗାଁକୁ ବିଦ୍ୟୁତ୍ ଆସିଥିଲା, ଏବେ ଖୁଣ୍ଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ପାନୀୟଜଳର ସୁବ୍ୟବସ୍ଥା ନାହିଁ। ମହାପ୍ରଭୁଙ୍କ ଗୋପନ ଆଶ୍ରୟସ୍ଥଳୀ ବି କ୍ଷତିଗ୍ରସ୍ତ ହୋଇଛି। ବାତ୍ୟାର କିଛିଦିନପରେ ଗାଁକୁ ବିଭିନ୍ନ ବର୍ଗର ଲୋକଙ୍କ ସୁଅ ଛୁଟୁଛି। ଏଠାରୁ ବାହାରି ଚିଲିକାର ରାଜହଂସରେ ପହଁଞ୍ଚିଲା ବେଳକୁ ଅପରାହ୍ନ ୫ଟାହେବ। ରାଜହଂସରେ ଫନୀ ତାଣ୍ଡବରେ ଲକ୍ଷ ଲକ୍ଷ ଝାଉଁଗଛ ଭାଙ୍ଗି ଧ୍ୱଂସ ହୋଇଯାଇଛି। ଫନୀର ଫଣାରେ ନୀଳାମ୍ବୁ ଚିଲିକାର ଜୈବବିବିଧତାରେ ପରିବର୍ତ୍ତନ ହୋଇଛି। ଏଠାରୁ ଫେରିଲାବେଳକୁ ସନ୍ଧ୍ୟା ହୋଇସାରିଥାଏ। ଅନ୍ଧାରରେ ଚିଲିକାଛାତିରେ ଆଗକୁ ଆଗ ଡଙ୍ଗା ମାଡ଼ିଚାଲିଥିଲା ନିକଟସ୍ଥ ଏକ ସ୍ଥଳଭାଗକୁ। ପରଦିନ ସକାଳେ ନୂଆପଡ଼ା ଗ୍ରା:ପ ଗୁରୁବାଇ ହରିଜନସାହିକୁ ଯାଇଦେଖିଥିଲୁ ଫନୀର ଭୟଙ୍କର ରୂପରେ ଏଠାରେ ସମସ୍ତଙ୍କ ଘର ଭାଙ୍ଗିଯାଇଥିଲା। ଯୋଗୀ ନାୟକ କୁହନ୍ତି, ଆମସାହି ଲୋକ ସଂଖ୍ୟା ପ୍ରାୟ୧୦୦। ଚଳଣି ମୂଲମଜୁରି। ଘର ୨୫ଟି,ଏଥିରେ ୨ଟି ଛେଳି ମରିଯାଇଛି। ଚୁମୁକି ନାୟକ କୁହନ୍ତି, ବାତ୍ୟାରେ ଆମର ସବୁ ସରିଯାଇଛି। ଘରେ ଚୁଲି ଜଳିଲାନାହିଁ। ଭୋକିଲା ରହିଲୁ ଦୁଇଦିନ । ପ୍ରଦୀପ ନାୟକ କୁହନ୍ତି, ରାଶନକାର୍ଡ ନାହିଁ। ସେଥିପାଇଁ ଏଯାଏ ଆମକୁ କିଛି ସହାୟତା ମିଳିପାରି ନାହିଁ। ଦିଲୀପ ନାୟକ, ସୁକୁମାରୀ ନାୟକ କୁହନ୍ତି, ଫାଇଲିନ ବାତ୍ୟାଠାରୁ ଜରିପଲିଥିନ ତଳେ ଜୀବନ ବିତାଉଛୁ। ଗୁରୁବାଇର ଚିଲିକାନାସିଠାରେ କେଉଁ କାଳରୁ ରହିଥିବା ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ଐତିହାସିକ ଲୋଟଣୀ ବରଗଛଟି ଫନୀବାତ୍ୟାରେ ଭାଙ୍ଗି ଭୂମିରେ ଲୋଟିପଡ଼ିଛି।

**ଜହ୍ନିକୁଦରୁ ଭେସେଲ ଚଳାଚଳ ହୁଏ ସାତପଡ଼ାଜେଟିକୁ:** ଏହି ଗାଁରେ ବି ଦେଖିଲୁ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତଙ୍କ ପରିସ୍ଥିତି । ନୂଆପଡ଼ା ଗ୍ରା:ପ- ମୁଦୁଲି ସାହିର ଗୋବର୍ଦ୍ଧନ ମୁଦୁଲି କୁହନ୍ତି, 'ଆମର →










୧ବଖରା ଆଜବେଷ୍ଟସ ଘର। ଅଇଁଠା ମୁଦୁଲି, ସଠିଆ ମୁଦୁଲିଙ୍କ ଘର ଭାଙ୍ଗିଛି। ତରେଇସାହି, ବାଲିସାହି, ପଲେଇସାହି, ବ୍ରାହ୍ମଣସାହି, ମହାନ୍ତିସାହିର ଅନେକଘର ଭାଙ୍ଗିଯାଇଛି। ଲୋକସଂଖ୍ୟା ପ୍ରାୟ୧୬୦୦ଶହ। ସେଦିନ ଡଙ୍ଗା ଜଗିବାକୁ ଜେଟିଠାରେ ଥିଲି, ସମସ୍ତ ସାମଗ୍ରୀ ଭାସିଗଲା। ଫନୀର ରୂପରେ ଏଠି ଚିଲିକା ପାଣି ଧୂଆଁପରି ଉଠୁଥିଲା। ମଝିରେ ମଝିରେ ବର୍ଷାମିଶା ଘୂର୍ଣ୍ଣିଝଡ଼ରେ ଏପଟେଥିବା ଭେସଲକୁ ସେପଟ ତଣ୍ଡାକଡ଼କୁ ପ୍ରାୟ ୪କିମି ଉଡ଼ାଇ ନେଇଥିଲା।' ଚିଲିକା ଭିତରେ ଥିବା ବ୍ରହ୍ମପୁରା ଗ୍ରା:ପର ମଇଁଷା ଗାଁ। ଭୋଟର ପ୍ରାୟ-୮୦୦, ଲୋକସଂଖ୍ୟା ପ୍ରାୟ୧୬୦୦, ସାହି ପ୍ରାୟ ୧୦ଟି। ସୈରୀନ୍ଦ୍ରି ଦାସ କୁହନ୍ତି, ଡାକ୍ତରଖାନା ପଛପଟ ରାସ୍ତା ନଷ୍ଟ ହୋଇଛି। ଚିଲିକାପାଣି ଫୁଲି ରିଙ୍ଗବନ୍ଧ ପାରହୋଇ ଗାଁକୁ ପଶିଥିଲା। ନଈତଳ ବନ୍ଧ ନଷ୍ଟ ହୋଇଛି। ଗାଁରେ ଗଛ,ଘରସବୁ ଭାଙ୍ଗିଯାଇଛି। ସାମୁଦ୍ରିକ ପବନର ବେଗ ବଢିଲେ ଏଠି ଲୋକଙ୍କ ମନରେ ଛନକା ପଶୁଛି।




**ଓଡ଼ିଶାର ଗୋଆ-:** ଓଡ଼ିଶାର ଗୋଆ କୁହାଯାଉଥିବା ସାତପଡ଼ା ପର୍ଯ୍ୟଟନ କ୍ଷେତ୍ରରେ ମସ୍ୟଜୀବୀଙ୍କ ଦୁର୍ଦ୍ଦଶା ବଢିଯାଇଛି। ଫନୀମାଡ଼ରେ ବାଙ୍କୀଜଳ, ନାଉବାଡ଼ି, ବଉଳପାଟଣା, ଭୋଇସାହି, ବଳଭଦ୍ରପୁର, ଚାରିଘରିଆ ଓ ସାତପଡ଼ା ମସ୍ୟ ବ୍ୟବସାୟ କେନ୍ଦ୍ରର ବ୍ୟାପକ କ୍ଷତିହୋଇଛି। ସ୍ଥଳଭାଗରେ ସାତପଡ଼ା -ବ୍ରହ୍ମଗିରି ରାସ୍ତାରେ କିଛିଦୂର ଆସିବାପରେ ପଡ଼ିଲା ବଳଭଦ୍ରପୁର ଗାଁ। ଏହିଗାଁ ଭିତରକୁ ଯିବାରେ ଜାଣିଲୁ ଏଠି ବି ଫନୀ ଲୋକଙ୍କୁ ବାସହରା କରାଇଛି। ଡଙ୍ଗା ଭାଙ୍ଗି ଦେଇଛି। ମଧୁସୂଦନ ଜାଲି କୁହନ୍ତି, ଏଠାର ଘର ୩୨୦, ଲୋକସଂଖ୍ୟା ୧୨ଶହ । ଟିଣଘର ଉଡ଼ିଯାଇଛି। ସାହିରେ ସୁରକ୍ଷିତ ରହିଛି ରାମେଶ୍ୱରଙ୍କ ମନ୍ଦିର। ସନ୍ତୋଷଜାଲି କୁହନ୍ତି, ଆମର ଚାରିବଖରା ଚାଳଘର ଭାଙ୍ଗିଛି।କୁରୁପାଳର ସୁବାସ ଜେନା କୁହନ୍ତି, ଏହି ଅଞ୍ଚଳର ଲୋକଙ୍କ ପାଇଁ ବାତ୍ୟାନିରୋଧକ ବାସଗୃହ ଦରକାର।



**ଭୋଇସାହିର ଦୁଃଖ-:** ସାତପଡ଼ା ଗ୍ରା:ପର ଭୋଇସାହିର ସବୁଠାରୁ ଅଧିକ କ୍ଷତି ଘଟିଛି। ପ୍ରାୟ ସମସ୍ତଙ୍କ ଘର ଭାଙ୍ଗିଯାଇଛି। ସୁଲୋଚନା ଭୋଇ କୁହନ୍ତି, ଏଠିଘର ସଂଖ୍ୟା ୧୧୦, ଲୋକସଂଖ୍ୟା-ପ୍ରାୟ୪୫୦ହେବ। ଜୀବିକା ମାଛ ଧରିବା। ପ୍ରାୟ ୭୦ଖଣ୍ଡ ଡଙ୍ଗା ଭାସିଯାଇଛି। ବହୁଡଙ୍ଗା ନିଖୋଜ ରହିଛି। ବାତ୍ୟା ପୂର୍ବଦିନ ନିକଟସ୍ଥ ପଞ୍ଚାୟତ କଲେଜରେ ରହିଥିଲୁ। ରବି ଦାଶ କୁହନ୍ତି, ଗାଁର ସମସ୍ତଙ୍କ ଘର ମାଟିରେ ମିଶିଛି , ଜୀବିକା ବି ଯାଇଛି। ଝଙ୍କାଳିଆ ବରଗଛ ଆଉ ଦେଖିବାକୁ ଏହି ଅଞ୍ଚଳରେ ମିଳିବ ନାହିଁ। କୃଷ୍ଣପ୍ରସାଦ ବ୍ଲକ ପଣସପଦା ଗ୍ରାପ, ଗୋଲା ଗାଁର ସନ୍ତୋଷ ବେହେରା କୁହନ୍ତି, ଆମଗାଁରେ ପ୍ରାୟ ଘର ୨୭୦ ହେବ, ଲୋକ ୨ହଜାର। ସମସ୍ତଙ୍କ ଚାଳ, ଆଜବେଷ୍ଟସ ଘର ବାତ୍ୟାରେ ଭାଙ୍ଗି ଯାଇଛି। ସୀମାଞ୍ଚଳ ବେହେରା କୁହନ୍ତି , ସେଦିନ ବାହାରେ ଅଣଚାଷ ପବନ ବହୁଥିଲା। ପବନର ବେଗ ଧୀରେଧୀରେ ବଢିଲା, ସୁ ସୁ ଶବ୍ଦ ତୁହାକୁ ତୁହା ବର୍ଷା ସମୁଦ୍ର ଲହରି ଭାଙ୍ଗିଲା ପରି ଶୁଭୁଥିଲା। ଘୁଘୁଶବ୍ଦରେ ଗଛ ଉପାଡ଼ି ଭୂଇଁରେ କଚାଡ଼ି ହୋଇପଡୁଥାଏ। ଆମ ଗାଁ ସମୁଦ୍ର ନିକଟରେ । ଭୟରେ ଜୀବନ ରକ୍ଷା ପାଇଁ ବାତ୍ୟା ଆଶ୍ରୟସ୍ଥଳକୁ ଯାଇଥିଲୁ ;ଯ ସେଠି ଜାଗାମିଳିଲା ନାହିଁ। କତାଶିଳ୍ପଘରେ ରହିଲୁ।




**ସମୁଦ୍ର ମୁହାଁ ଗାଁ ଅରଖକୁଦ-:**ସାତପଡ଼ାରୁ ପ୍ରାୟ ୨୩କିମି ଦୂର ବ୍ରହ୍ମଗିରି ଅଭିମୁଖେ ଯିବାବେଳେ ରାସ୍ତାରେ ଗଛପଡ଼ି ରାସ୍ତା ଅବରୋଧ ଥିଲା। ଯଦୁପୁର ଛକରୁ ପ୍ରାୟ ୪କିମି ଦୂର ଅରଖକୁଦ ସାହିରେ ପହଁଞ୍ଚିଲାବେଳକୁ ଲୋକଙ୍କୁ ରନ୍ଧନ ଖାଦ୍ୟ ପରଷା ଯାଉଥିଲା। କିଛି ଯୁବକ ସାହିରେ ଜାଲ ସିଉଁଥିଲେ। ପବିତ୍ର ବେହେରା କୁହନ୍ତି, ଆମ ଗାଁକୁ ଲାଗି ପ୍ରାୟ୫୦ମିଟର ଦୂରରେ ଚିଲିକା ଓ ୫ଶହ ମିଟର ଦୂରରେ ସମୁଦ୍ର । ପୂରା ଗାଁମୁହାଁ ହୋଇ ସମୁଦ୍ରମୁହାଣ ରହିଛି। ଏହି ଗାଁର ୧୬୪୫ଟି ପରିବାର,ଗାଁରେ ୯୬୦ ରାଶନକାର୍ଡଧାରୀ । ଗ୍ରା:ପରେ ପ୍ରାୟ୧୦ହଜାର ଲୋକ ରହୁନ୍ତି। ଗାଁକୁ ଘେରିଛି ଲୁଣାବନ୍ଧ। ପଶ୍ଚିମରେ-ବାତ୍ୟା ଆଶ୍ରୟସ୍ଥଳୀ, ଉତ୍ତରରେ-ହରି ସହଦେବଙ୍କ ମନ୍ଦିର, ଦକ୍ଷିଣରେ ସମୁଦ୍ର ମୁହାଣ, ପୂର୍ବରେ ସାମୁଦ୍ରିକ ଥାନା। ସଞ୍ଜୟ ବେହେରା କୁହନ୍ତି, ଫନୀ ମାଡ଼ରେ ଗାଁ ଭିତରକୁ ପାଣିପଶିଛି। ମଙ୍ଗଳାସାହି, ଲକ୍ଷ୍ମୀନାରାୟଣ ସାହି, ଭାଗବତସାହି, ହରଚଣ୍ଡୀସାହି ଓ ନୂଆସାହି ଅଧିକ କ୍ଷତିଗ୍ରସ୍ତ ହୋଇଛି। ଅରଖକୁଦଠାରୁ ସିପକୁଦ ମଧ୍ୟରେ ଦୁଇଟି ନୂଆମୁହାଣ ସୃଷ୍ଟି ହୋଇଛି। ସମୁଦ୍ର କୂଳରେ ୮ରୁ ୧୦ଫୁଟର ଜୁଆର ଆସିଥିଲା। ଫନୀର ରୂପ ଘଣ୍ଟାପ୍ରତି ୧୫୦ରୁ୨ଶହ ବେଗରେ ପବନ ତୁହାକୁ ତୁହା ବର୍ଷାସହ ମାଡ଼ଦେଉଥିଲା। ଏହି ବାତ୍ୟାରେ ଅଞ୍ଚଳର ନାହିଁ ନଥିବାକ୍ଷତି ହୋଇଛି। ଅଲିପୁରର ଟୁନା ସ୍ୱାଇଁ କୁହନ୍ତି, ଏହି ଅଞ୍ଚଳ ବାତ୍ୟା ପ୍ରବଣ ଅଞ୍ଚଳ।୨୦୧୩ ଫାଇଲିନ କ୍ଷତିଠାରୁ ଏହାବଳି ଯାଇଛି। ଗାଁରେ କୋଠାଘରକୁ ଛାଡ଼ିଦେଲେ ଆଜବେଷ୍ଟସ, ଚାଳ , ଟାଇଲି ଛପର ନ ଥିଲା। ବାରିହୋଇପଡୁଥିଲା ଗରିବଘରର ଦୁଃଖ। ବାସହରାଙ୍କ ମୁହଁରେ ଶୁଖିଯାଇଥିଲା ଆଖିର ଲୁହ । ବାଷ୍ପରୁଦ୍ଧକଣ୍ଠ, ଛାତିର କୋହକୁ ବଢାଇଦେଇଥିଲା। ଦିନରେ ଟାଣଖରା ଓ ସଞ୍ଜ ନଇଁଲେ ଘନ ଅନ୍ଧାର ରାତିରେ ସାମୁଦ୍ରିକ ପବନର ସୁସୁଶବ୍ଦ ଏବେ ବି ଡରାଉଛି। ଅନ୍ୟପକ୍ଷେ ଫନୀରେ ପ୍ରାୟ୪୩ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ପୁରୀ,ଭୁବନେଶ୍ୱର, ଖୋର୍ଦ୍ଧା ରେଳଷ୍ଟେଶନ ଭାଙ୍ଗିଯାଇଛି। ଏହି ବାତ୍ୟାରେ ପୁରୀ ଶ୍ରୀ ମନ୍ଦିର, ଅଲରାନାଥ, ମା ରାମଚଣ୍ଡୀ, କାଳିଜାଈ, ବାଲିହରଚଣ୍ଡୀ, ମଙ୍ଗଳାଯୋଡ଼ି ପର୍ଯ୍ୟଟନ କେନ୍ଦ୍ର, ଖଣ୍ଡଗିରି, ଧଉଳି ଓ ଚିଲିକାର ପ୍ରକୃତି ନିବାସ ରାଜହଂସର ବ୍ୟାପକ କ୍ଷତି ଘଟିଛି। ହସ୍ତକଳା କାରିଗରି ଗାଁ ରଘୁରାଜପୁରର ଶିଳ୍ପ ପ୍ରଭାବିତ ହୋଇଛି। ପୁରୀ ଓ କୋଣାର୍କ ରାସ୍ତାପାର୍ଶ୍ୱରେ ୮୭ଶହ ହେକ୍ଟର ପରିମିତ ବାଲୁକାଖଣ୍ଡ ଝାଉଁଜଙ୍ଗଲ ଉଜୁଡ଼ି ଯାଇଛି। ବନ୍ୟପ୍ରାଣୀଙ୍କ ଅବସ୍ଥା ବି ସନ୍ଦେହଜନକ । ଚାରିଆଡ଼େ ଖାଁଖାଁ ଲାଗୁଛି। ପୁରୀ,ଖୋର୍ଦ୍ଧା, କଟକ,କେନ୍ଦ୍ରାପଡ଼ା,ଜଗତ୍ସିଂହପୁର,ଯାଜପୁର,ମୟୂରଭଞ୍ଜ ଜିଲା ସମେତ ରାଜଧାନୀ ଭୁବନେଶ୍ୱରରେ ଫନୀର ପ୍ରକୋପ ଦେଖିବାକୁ ମିଳିଥିବା ବେଳେ ପୁରୀ,ଗୋପ ନିମାପଡ଼ା, ସାକ୍ଷୀଗୋପାଳ, ସାତଶଙ୍ଖ, କୋଣାର୍କ, ବୀରହରେକୃଷ୍ଣପୁର,ଟାଙ୍ଗୀ,ଚିଲିକା, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ୍ ଅଞ୍ଚଳରେ ବ୍ୟାପକ ଧନଜୀବନ କ୍ଷତିଘଟିଛି। ଲୋକମାନେ ନିଜ ଭିଟାମାଟିର ଭଙ୍ଗାବାସଗୃହ ସଜାଡ଼ିବାକୁ ଉଦ୍ୟମ କରିଛନ୍ତି। ଏପରି ପରିସ୍ଥିତିରେ ସରକାରୀ ଓ ବେସରକାରୀସ୍ତରରେ ଫନୀ ପୀଡ଼ିତଙ୍କ କ୍ଷୟକ୍ଷତିକୁ ଆକଳନକରି କିପରି ଭରଣା କରାଯାଇପାରିବ ତାହା ସମସ୍ତଙ୍କ ପାଇଁ ଚନ୍ତାର ବିଷୟ ହୋଇଛି।




**- ବନବିହାରୀ ବେହେରା**


# ଜାଭେଦ ଅଖତର




ଜାଭେଦ ଅଖତର କହିଲେ ହୁଏତ ଆମ ଆଖିରେ ଜଣେ ସୁପରହିଟ୍ ଗୀତର ଗୀତିକାରଙ୍କ ଚେହେରା ନାଚି ଉଠିପାରେ। ମାତ୍ର ଜାଭେଦ ଅଖତରଙ୍କ ପରିଚୟ ସେତିକିରେ ସୀମିତ ନୁହେଁ। ଭାରତୀୟ ଗୀତି ସାହିତ୍ୟ କ୍ଷେତ୍ରରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଲାବା, ଇନ୍ ଅଦର ୱାର୍ଡ଼ସ, ତରକସ, ଖ୍ୱାବ୍ କେ ଗାଓଁ ମେଁ, ଗୁଲସନ୍, ଭୋପାଲ : ଲର୍ନିଂ ଥ୍ରୋ ହେରିଟେଜ୍, କୁଇଭର, ଏ ଲିଟିଲ୍ ଫରଏଭର, ହିନ୍ଦୀ ରଙ୍ଗମଞ୍ଚ କି ଲୋକଧାରା, ହ୍ୟୁମାନ୍ ଆନାଟୋମି ଆଣ୍ଡ ଫିଜିଓଲୋଜି ଆଦି ପୁସ୍ତକ ତାଙ୍କ ସାହିତ୍ୟିକ ଗତିଧାରାର ପରିଚୟ ବହନକରେ। ଗୀତ ହେଉ କି ଗଜଲ, ଭ୍ରମଣ କାହାଣୀ, ଆଲୋଚନା, ସାକ୍ଷାତ୍‌କାର ସବୁକ୍ଷେତ୍ରରେ ଜଣେ ପାରଙ୍ଗମ ସ୍ରଷ୍ଟା ହେଉଛନ୍ତି ଜାଭେଦ ଅଖତର। ହିନ୍ଦୀ ସିନେମା ଜଗତର ଆଦ୍ୟ ସ୍ମରଣୀୟ ଗୀତିକାର ଭାବରେ ସେ ନିଜର ପରିଚିତିକୁ ବେଶ୍ ସୁଦୃଢ଼ କରିସାରିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏକ୍ ଲଡ଼୍‌କି କୋ ଦେଖା ତୋ ଐସା ଲଗା, ଏକ୍ ଦୋ ତିନ୍, ସନ୍ଦେଶେ ଆତି ହୈ, ଜିନ୍ଦେଗୀ ନା ମିଲେ ଦୁବାରା, କଭି ଅଲବିଦା ନା କେହନା ଆଦି ଗୀତକୁ ତାଙ୍କର ଗୋଟିଏ ଗୋଟିଏ ମାଇଲ୍ ଖୁଣ୍ଟ ବୋଲି କୁହାଯାଇପାରେ। ସେ ଏକାଧାରରେ ଜଣେ କବି, କାହାଣୀକାର, ଚିତ୍ରନାଟ୍ୟ ଲେଖକ, ଗୀତିକାର ଏବଂ ରାଜନେତା। ପଦ୍ମଶ୍ରୀ ଏବଂ ପଦ୍ମଭୂଷଣରେ ସମ୍ମାନିତ ଜାଭେଦଙ୍କୁ ତାଙ୍କର ସାହିତ୍ୟ ସାଧନା ପାଇଁ ମିଳିଛି ସମ୍ମାନଜନକ ସାହିତ୍ୟ ଏକାଡେମୀ ଆୱାର୍ଡ। ଏତଦ୍‌ବ୍ୟତୀତ ସେ ପାଞ୍ଚଥର ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାର ହାସଲ କରିଛନ୍ତି।

**ପରିବାର:** ୧୯୪୫ ମସିହାରେ ଗ୍ୱାଲିୟରଠାରେ ଜାଭେଦ ଅଖତରଙ୍କ ଜନ୍ମ। ବାପା ଜନାବ ନିସାର ଅଖତର ଏବଂ ମା' ସାଫିଆ ଅଖତର। ନିସାର ଅଖତର ଉର୍ଦ୍ଦୁ ତଥା ହିନ୍ଦୀ ଭାଷାର ଜଣେ ପ୍ରତିଷ୍ଠିତ କବି ଥିଲେ। ଏହାବ୍ୟତୀତ ସେ ବହୁ ଫିଲ୍ମରେ ଗୀତ ମଧ ରଚନା କରିଥିଲେ। ମା' ସାଫିଆ ଅଖତର ଥିଲେ ଜଣେ ସୁଗାୟିକା, ଲେଖିକା ତଥା ଶିକ୍ଷୟିତ୍ରୀ। ତାଙ୍କର ଜେଜେବାପା ମୁଜ୍‌ତାର ଖାଇରାବାଦି ମଧ ଜଣେ କବି ଥିଲେ। ସେତିକି ନୁହେଁ, ତାଙ୍କର ବୁନିଆଦ ଥିଲା ଏକ କବିର ବୁନିଆଦ। ତାଙ୍କ ଜେଜେଙ୍କ ବଡ଼ଭାଇ ଫଜଲ ଏ-ହକ୍ ଖାଇରାବାଦି ଇସ୍‌ଲାମିକ୍ ଭାଷାର ଜଣେ ସ୍କଲାର ଥିଲେ। ୧୮୫୭ରେ ସଂଘଟିତ ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ସେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜାଭେଦଙ୍କ ମୂଳନାମ ଥିଲା ଜାଦୁ। ତାଙ୍କ ବାପାଙ୍କର ଏକ ଖୁବ୍ ଲୋକପ୍ରିୟ ଫିଲ୍ମ ଗୀତର ଲାଇନ୍ ଥିଲା ଏହିପରି : ଲମ୍‌ହା ଲମ୍‌ହା କିଶି ଜାଦୁ କା ଫସାନା ହୋଗା। ଏହି ଲାଇନ୍‌ରେ ଥିବା ଜାଦୁ ଶବ୍ଦକୁ ନେଇ ତାଙ୍କର ଜେଜେବାପା ନାତିର ନାମକରଣ କରିଥିଲେ ଜାଦୁ। ଲକ୍ଷ୍ନୌରେ ତାଙ୍କର ପିଲାବେଳ ବିତିଥିଲା ଓ ସେ ସେଇଠି ତାଙ୍କର ପାଠପଢ଼ା ଆରମ୍ଭ କରିଥିଲେ। ଭୋପାଳର ସାଇଫିୟା କଲେଜରୁ ସେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ।












**ବାପା ଶିଖେଇଲେ କବିତା :** ଜାଭେଦ ଅଖତରଙ୍କୁ ଆଜି ଯଦି ଆମେ ଜଣେ ଲୋକପ୍ରିୟ ଗୀତିକାର ତଥା ପ୍ରସିଦ୍ଧ କବି ବୋଲି ଜାଣିଛେ ତା'ହେଲେ ତାହା ପଛରେ ରହିଛି ତାଙ୍କ ବାପା ଜନାବ ନିସାର ଅଖତରଙ୍କ ସବୁଠୁ ବଡ଼ ଭୂମିକା। ରଜିଆ ସୁଲତାନ, ପ୍ରେମ ପର୍‌ବତ୍, ସୁଶୀଲା, କଳ୍ପନା ଭଳି ଫିଲ୍ମର ସେ ଥିଲେ ଗୀତିକାର। ତାଙ୍କ ବାପା ହିଁ ତାଙ୍କୁ କବିତା ଲେଖା ଶିଖାଇଥିଲେ। ଆଉ କବିତା ଲେଖିବାକୁ ପ୍ରେରଣା ଦେଇଥିଲେ। ସେ ଏକଦା ତାଙ୍କୁ କହିଥିଲେ ଯେ, ଜାଦୁ! ତୋର ଜନ୍ମ କେବଳ କବିତା ଲେଖିବାକୁ ହିଁ ହୋଇଛି। ତେଣୁ ତୁ ଯାହା ବି କର ; କବିତାରୁ ଓହରି ଯିବୁନି। ଜାଭେଦ ଏକଦା ଏକ ଇଣ୍ଟରଭିୟୁରେ କହିଥିଲେ, ବାପାଙ୍କ ସହିତ ତାଙ୍କର ଅନେକ କାରଣରୁ ମତଭେଦ ଥିଲା। କାରଣ ତାଙ୍କ ବାପା ଜଣେ କମ୍ୟୁନିଷ୍ଟ ହୋଇଥିବା ହେତୁ ସବୁବେଳେ ପୋଲିସ୍ ନଜରରେ ରହୁଥିଲେ। ସେଥିଲାଗି ତାଙ୍କୁ ଅନେକ ସମୟରେ ଅଣ୍ଡରଗ୍ରାଉଣ୍ଡ ହେବାକୁ ପଡୁଥିଲା। ସବୁ ଦାୟିତ୍ୱ ମା'ଙ୍କୁ ମୁଣ୍ଡେଇବାକୁ ପଡୁଥିଲା। ମା'ଙ୍କର କଷ୍ଟ ଦେଖିଦେଖି ସେ ବାପାଙ୍କ ଉପରେ ଚିଡ଼ି ଯାଉଥିଲେ। ତାଙ୍କ ସହିତ ଯୁକ୍ତିତର୍କ କରୁଥିଲେ। ଏହାସତ୍ତ୍ୱେ ବି ସେ ଯେମିତି ବାପାଙ୍କର ସାହିତ୍ୟିକ ମୂଲ୍ୟବୋଧକୁ ମର୍ଯ୍ୟାଦା ଦେଉଥିଲେ ବାପା ବି ସେମିତି ତାଙ୍କ ଭିତରର ସାରସ୍ୱତ ପ୍ରତିଭାର ସ୍ଫୁରଣ ଦିଗରେ ଗୁରୁତ୍ୱାରୋପ କରୁଥିଲେ।

**ଯୋଡ଼ିର ନାଁ ସଲିମ୍-ଜାଭେଦ:** ହିନ୍ଦୀ ସିନେମାର ସୁବର୍ଣ୍ଣଯୁଗକୁ ଯଦି ଲିପିବଦ୍ଧ କରାଯାଏ ତା'ହେଲେ ସେଥିରେ ଗୋଟିଏ ଯୋଡ଼ିର ନାଁ ନିଶ୍ଚୟ ଆସିବ। ଆଉ ତାହା ହେଉଛି ସଲିମ୍-ଜାଭେଦ ସ୍କ୍ରିନ୍ ପ୍ଲେ ଯୋଡ଼ି। ଏଇ ସଫଳ ଯୋଡ଼ିର ସଫଳ ଟାଇଟଲ ମଧ୍ୟରେ ରହିଛି ଅନ୍ଦାଜ, ଅଧିକାର, ହାତୀ ମେରା ସାଥୀ, ସୀତା ଔର ଗୀତା, ୟାଦୋଁ କି ବାରାତ୍, ଜଞ୍ଜିର, ମଜବୁର, ହାତ୍ କୀ ସଫାଇ, ଦିୱାର, ଶୋଲେ, ଆଖିରି ଦାଓ, ଇମାନ୍ ଧରମ୍, ଚାଚା ଭତିଜା, ତ୍ରିଶୂଲ୍, ଡନ୍, କାଲା ପଥର, ଦୋସ୍ତାନା, ଶାନ, କ୍ରାନ୍ତି, ଶକ୍ତି, ଜମାନା, ମିଷ୍ଟର ଇଣ୍ଡିଆ, ବାଗ୍‌ବାନ୍ ଭଳି ବହୁ ଫିଲ୍ମ। ଏକ ବିଚିତ୍ର ଅବସ୍ଥାରେ ଏହି ଦୁଇଯୋଡ଼ିର ସୃଷ୍ଟି ହୋଇଥିଲା। ସଲିମ୍ ଜଣେ ସୌଖୀନ କଳାକାର ଥିଲେ। ଫିଲ୍ମ 'ଶରହଦୀ ଲୁଟେରା'ରେ ତାଙ୍କର ଏକ ଛୋଟ ଭୂମିକା ରହିଥିଲା। ସଂଯୋଗବଶତଃ ସେହି ଫିଲ୍ମରେ ଜଣେ କ୍ଲାପର ବୟ ଭାବେ କାମ କରୁଥିଲେ ଜାଭେଦ। ଏହି ଫିଲ୍ମ ଶୁଟିଂ ସମୟରେ ସେମାନଙ୍କର ସାକ୍ଷାତ, ସମ୍ପର୍କ ଓ ବନ୍ଧୁତା। ପରସ୍ପର ପରସ୍ପରକୁ ଏଭଳି ଭାବରେ ଚିହ୍ନି ପାରିଥିଲେ ଯେ, ସେଇଠି ସୃଷ୍ଟି ହୋଇଥିଲା ସଲିମ୍-ଜାଭେଦ ଯୋଡ଼ି। ଆଉ ତା'ପରେ ଯାହା ଘଟିଲା ତାହା ହେଉଛି ଏକ ସ୍ୱର୍ଣ୍ଣିମ ଇତିହାସର ଇତିବୃତ୍ତ।

**ବ୍ୟକ୍ତିଗତ ଜୀବନ :** ଜାଭେଦ ଅଖତର ଧର୍ମତଃ ଜଣେ ମୁସଲିମ୍। ମାତ୍ର ସେ ଏକଦା କହିଥିଲେ ଯେ, ସେ ସବୁବେଳେ ଧର୍ମ ନିର୍ବିଶେଷରେ ମାନବିକତାକୁ ସମ୍ମାନ ଦେଇଥାନ୍ତି। ଆଉ ତାଙ୍କର ଦୁଇ ସନ୍ତାନଙ୍କୁ ସେ ସେହି ସଂସ୍କାର ସହିତ ପ୍ରତିପାଳିତ କରିଆଣିଛନ୍ତି। ଜାଭେଦଙ୍କର ପ୍ରଥମ ବିବାହ ହୋଇଥିଲା ହନୀ ଇରାନୀଙ୍କ ସହିତ। ହନୀ ଓ ଜାଭେଦଙ୍କ ଦୁଇ ସନ୍ତାନ ଯଥା- ଫରହାନ୍ ଅଖତର ଓ ଜୋୟା ଅଖତର। ହନୀଙ୍କ ସହିତ ତାଙ୍କର ବିବାହ ବିଚ୍ଛେଦ ଘଟିବା ପରେ ସେ ଅଭିନେତ୍ରୀ ଶବାନା ଆଜମୀଙ୍କୁ ବିବାହ କରିଥିଲେ।





# ଜୀବନ

–ପ୍ରଦୀପ ବନ୍ଧ

ଆନନ୍ଦର ଅଶ୍ରୁ ବୋହିଗଲା ପରେ
ଆଖି ସିନା ଓଦା ହୁଏ
ହେଲେ ଟୋପେ ଲୁହ
ଓଠକୁ ଭିଜେଇ
ଶୋଷକୁ ଦୂରେଇଦିଏ ।

ସେହି ଲୁହ ପୁଣି
ଆଉ କାହା ଆଖିର
ଅଭିନୟ ଭଳି ଲାଗେ
ପ୍ରତି ମୁହୂର୍ତ୍ତରେ ଅନ୍ୟକୁ
ହସେଇ
ଗୁମୁରି ଗୁମୁରି କାନ୍ଦେ ।

ହସକାନ୍ଦ ଭରା
ସଂସାରର ରଥ
ଟାଣି ଟାଣି ବାଟ ଚାଲେ
ନିଜ ଲୁହ ପୋଛି
ହସେଇ  ସେ ହସେ
ଖୋଲା ଆକାଶର ତଳେ ।

ଫେନୀଳ ଆକାଶେ
ଇନ୍ଦ୍ରଧନୁ ସାଜେ
ସାତରଙ୍ଗ ସାଥେ ନେଇ
ସାରା ସଂସାରକୁ
ରଙ୍ଗରେ ରଙ୍ଗେଇ
ଜଳି ଜାଳେ ନିଜ ଜୁଇ ।

ନିଜ ଜୁଇ ନିଜେ ସଜାଡ଼ି ନିଜକୁ
ସମର୍ପି ଦେଇଛି ଦେଖ
କଳଙ୍କର ଟିକା ନିଜେ ଘୂରି ପିନ୍ଧେ
ଦୁନିଆକୁ ବାଣ୍ଟି ସୁଖ ।

*–ସାନ ମଛୁଆଘାଇ, ରାଜଘରପୋଖରୀ,*
*ବାସୁଦେବପୁର, ଭଦ୍ରକ*

# ପ୍ରେମିକା


–ଲକ୍ଷ୍ମଣ ମିଶ୍ର

ତୁମେ କିଏ ଯେ,
ମୁଁ ଆଦୌ ବୁଝିପାରୁନି ।
ତୁମେ କ'ଣ ସେ ଯେ
ସଶରୀର ମୋ ପାଖକୁ ଆସ,
ମୋ ହାତରେ ହାତ ଛନ୍ଦି
ପାଖରେ ଆସି ବସ
ଓ ମନଖୋଲା ହସି ହସ ।

ନା' ତୁମେ ସେ ଯେ,
ତୁମେ ଚାଲିଗଲା ପରେ
କୁଢ଼ କୁଢ଼ ନୀରବତା ହୋଇ
ଢାଙ୍କିଦିଅ ମୋର ହୃଦୟ–
ପ୍ରଦେଶ ?
କିଏ ତୁମେ,
କ'ଣ ତୁମ ପରିଚୟ ?
ଅଦିନିଆ ବର୍ଷା ପରି
ହଠାତ୍ ତୁମେ ଛାଡ଼ିଯାଅ,
ପୁଣି ହଠାତ୍ ମାଡ଼ି ଆସ ।

ସବୁ ମିଛିମିଛିକା ବାହାନା
ସୁନ୍ଦର ସୁନ୍ଦର ଛଳନା
ଏଣିକି କରିଦେଇ ଶେଷ,
ଚୁପ୍‌ଚାପ୍ ଫିଙ୍ଗିଦେଇ
ଯାବତୀୟ ଚକମକ ଛଦ୍ମବେଶ
ଥରୁଟିଏ ହେଲେ ଆସନ୍ତନି ତୁମେ,
ତୁମେ ପ୍ରକୃତରେ ଯାହା
ପିନ୍ଧି ସେଇ ବସ୍ତ୍ର,
ଧରି ସେଇ ବେଶ ।

*–ଗ୍ରା/ପୋ: କଣ୍ଟାମାଳ, ବୌଦ୍ଧ*



# କୁନି ଆସିଲା ଫନୀ ଗଲା

–ଶିବ ମିଶ୍ର

ବାପ୍‌ରେ ବାପ୍ କି ପବନ! ଅହିରାଜ ପରି ଫଁ ଫଁ ହେଉଥିବା ଫନୀ ବତାସର ଶବ୍ଦରେ କମ୍ପି ଯାଉଛି ମେଦିନୀ । ବଡ଼ ବଡ଼ ଗଛ ଗୁଡ଼ାକ ଉପୁଡି ପଡୁଛି । ଡାଳ ସବୁ ଭାଙ୍ଗି ଯାଉଛି ମଡ଼ ମଡ଼ ହୋଇ । ଚାଳ ଘର କଥା ପଚାରେ କିଏ, ଟିଣ ଆଜବେଷ୍ଟସ୍ ଛାତକୁ ଉଡ଼ାଇ ନେଉଛି କାହିଁ କେତେ ଦୂର । କୋଠା ଘର ଗୁଡ଼ାକର ପଂଜରାକୁ ଦୋହଲାଇ ଦେଲାପରି ପବନ । ତା'ସାଙ୍ଗକୁ ଝରଝର ବର୍ଷା । ଲାଗୁଛି ଯେମିତି ଘୋର ପ୍ରଳୟ କାଳ ଆସିଯାଇଛି । କିଛି ଲୋକ ଆଗରୁ ସତର୍କ ହୋଇ ଚାଲିଯାଇଥିଲେ ବାତ୍ୟା ଆଶ୍ରୟ ଘରକୁ, ଆଉ ଯେଉଁ କେତେ ଜଣ ଛାତି ଦମ୍ଭ କରି ରହିଥିଲେ ସେମାନେ ଏବେ ବିକଳ କଲବଲ ହୋଇ ଧାଉଁଥିଲେ ନିରାପଦ ଜାଗାକୁ । ହେଲେ ସେ ଯୁବତୀଟି କୁଆଡ଼େ ଯାଉ ନ ଥିଲା । ଅନ୍ୟମାନେ ଯେତେ ଡାକିଲେ କାହା କଥା ଶୁଣୁ ନ ଥିଲା ସିଏ । ଏବେ ଏବେ ଦେଶର ସୀମାରେ ଶତ୍ରୁ କମାଣରେ ଶହୀଦ ହୋଇଯାଇଥିବା ସ୍ୱାମୀର ଫଟୋକୁ ଛାତିରେ ଜାକି ଧରି ନିବାଡ଼ ବର୍ଷାରେ ଓଦାହୋଇ ବୁଲୁଥିଲା ସିଏ ଗାଁ ଦାଣ୍ଡରେ । କହୁଥିଲା, ଏ ବାତ୍ୟା ତା'ର କି କ୍ଷତି କରିବ ? ତା'ର ବା ଆଉ ଅଛି କ'ଣ, ବାତ୍ୟା ଆଗରୁ ସବୁ ତ ଉଡିଯାଇଛି । ଆଉ ଯାହା ଆସିବାକୁ ଅଛି ସେଥିରେ ତା'ର ଲୋଭ ନାହିଁ କି ମୋହ ନାହିଁ, କାରଣ . . . । ଆଉ କିଛି କହିପାରିଲାନି କି ଭାବିପାରିଲାନି ସିଏ ।

କେତେଦିନ ହେଲା ଓଜନିଆ ହୋଇ ହୋଇ ଯାଉଥିବା ପେଟର ଭାରକୁ ବୋହି କେତେ ସମୟ ଚାଲିବ ସିଏ ! ବେଲୁ ବେଳ ବଢୁଥିବା ଯନ୍ତ୍ରଣାକୁ ସହି ପାରିଲାନି । ସେହି ଦାଣ୍ଡ ମଝିଟାରେ ଲଥ କିନା ପଡ଼ିଗଲା । ଦି' ତିନି ଜଣ ଲୋକ କୋଉଠି ଥିଲେ ଧାଇଁ ଆସି ତାକୁ ଟେକି ନେଇଗଲେ ବାତ୍ୟା ଆଶ୍ରୟସ୍ଥଳକୁ । ତା'ପର ମୁହୂର୍ତ୍ତରେ ସେ ବାତ୍ୟା ଆଶ୍ରୟ ଘରକୁ ଚହଲାଇଦେଲା ଗୋଟିଏ ନୂଆ ତୁଣ୍ଡର କୁଆଁ କୁଆଁ ଶବ୍ଦ । ସେ ଶବ୍ଦ ଶୁଣି ସେଠାରେ ଥିବା ଲୋକଙ୍କ ମନ ଚଞ୍ଚଳ ହୋଇଉଠିଲା । ସେତିକି ବେଳକୁ କିଏ ଜଣେ ବଡ଼ ପାଟିରେ କହିଲା ଦେଖ ଦେଖ ବାତ୍ୟା ପବନ ଥମି ଗଲାଣି, ବର୍ଷା ଛାଡ଼ି ଗଲାଣି, ଯାହା କହ ଏ ପିଲା ସାଧାରଣ ମଣିଷ ନୁହେଁ ସାକ୍ଷାତ୍ ଦେବ ଦୂତ । ଏତିକି ବେଳକୁ ସେଠାରେ ଥିବା କିଛି ପିଲା ତାଳିମାରି ଗାଇବାକୁ ଲାଗିଲେ– 'କୁନି ଆସିଲା ଫନୀ ଗଲା । କୁନି ଆସିଲା ଫନୀ ଗଲା ।'

*–ବାଣପୁର, ଖୋରଧା*








## ଇମୋଶନାଲ କ୍ୟାଟ୍ରିନା

କ୍ୟାଟ୍ରିନା କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା। ନିଜ ରିଲ୍ ଲାଇଫର ସ୍ମରଣୀୟ ଘଟଣା ବଖାଣିବା ବେଳେ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ସେ ଏହାକୁ ଆଗକୁ ବଢ଼ାଇବେ କ'ଣ ନର୍ମାଲ ଅବସ୍ଥାକୁ ଆସିବାକୁ ତାଙ୍କୁ କିଛି ସମୟ ଲାଗିଥିଲା। ନିଜ ବଲିଉଡ୍ କ୍ୟାରିୟର ବିଷୟରେ କହୁ କହୁ ତାଙ୍କର 'ଜିରୋ' କଥା ମନେ ପଡିଯାଇଥିଲା। ବାସ୍, ସେ ସମ୍ପର୍କରେ କହୁ କହୁ ସେ ଇମୋଶନାଲ ହୋଇପଡିଥିଲେ। 'ଏ ପର୍ଯ୍ୟନ୍ତ ମୁଁ ଅନେକ ସିନେମାର ଆକ୍ଟିଂ କରିଛି। ମୋର ଅଭିନୟକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। ହେଲେ 'ଜିରୋ' ଫିଲ୍ମର ଶୁଟିଂ କଥା ମୋର ସବୁବେଳେ ମନେ ରହିବ। କାରଣ ଏହାର ନିର୍ଦ୍ଦେଶକ ଆନନ୍ଦ ଏଲ. ରାଇଙ୍କ ନିକଟରୁ ମୁଁ ଅନେକ କିଛି ଶିଖିଛି। ଶୁଟିଂରେ ବ୍ରେକ୍ ସମୟରେ ସେ ମୋତେ ଆକ୍ଟିଂ ସମ୍ପର୍କରେ ଯେଉଁ ଟିପ୍ସ ଦେଇଛନ୍ତି ତାହାକୁ କଦାପି ମୁଁ ଭୁଲି ପାରିବି ନାହିଁ। ଫିଲ୍ମଟି ସିନା ଫ୍ଲପ ହୋଇଗଲା, ହେଲେ ସେହି ସିନେମାକୁ ମୁଁ ସବୁଦିନ ପାଇଁ ମନେ ରଖିବି ବୋଲି କହିଥିଲେ କ୍ୟାଟ୍ରିନା। ବାସ୍, ଏତିକି କହୁ କହୁ ତାଙ୍କର ଆଖି ଛଳ ଛଳ ହୋଇଉଠିଥିଲା। ନିଜକୁ ସାଧାରଣ ଅବସ୍ଥାକୁ ଆଣିବା ପରେ ସେ ପୁଣି ଆରମ୍ଭ କରି କହିଥିଲେ ଯେ ସେହି ଘଟଣାସବୁ ମନେ ପଡିଲା ବେଳକୁ ସେ ଇମୋଶନାଲ ହୋଇଯାଉଛନ୍ତି। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଥିଲେ ଶାହରୁଖ।

## ନେଭି ଅଫିସର ଅନ୍ତରାଳେ..



ନେଭି ଅଫିସର ପଛରେ କି ରହସ୍ୟ ରହିଛି ? ଏହି ଭୂମିକାକୁ ସିନେମାରେ କିପରି ପ୍ରେଜେଣ୍ଟ କରାଯାଇଛି ? ଏପରି ପ୍ରଶ୍ନ ଅନେକଙ୍କ ମନରେ ନିଶ୍ଚୟ ଉଙ୍କି ମାରିବ, ଯେତେବେଳେ ସେମାନେ 'ଭାରତ' ଫିଲ୍ମର ଏପରି ଏକ ଫଟୋ ଦେଖିବେ। ନିକଟରେ ଏହାର ନିର୍ଦ୍ଦେଶକ ଅଲ୍ଲୀ ଆବାସ ଜାଫର ଏହି ଫିଲ୍ମରେ ସଲମାନ ଖାଁଙ୍କ ନେଭି ଅଫିସର ଗେଟ୍‌ଅପ ଫଟୋକୁ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି। ହେଲେ ଏହା ପଛରେ କ'ଣ ରହିଛି ତାହା ଉଲ୍ଲେଖ କରିନାହାନ୍ତି। କେବଳ କ୍ୟାପସନ ଭାବରେ 'ମର୍ଚ୍ଚାଣ୍ଟ ନେଭି ଅଫିସର' ବୋଲି ଲେଖାଯାଇଛି। ଏପରି ଭୂମିକା ସମ୍ପର୍କରେ କେବଳ ନିର୍ଦ୍ଦେଶକ ନୁହନ୍ତି ସଲମାନ ମଧ୍ୟ ନୀରବତା ଅବଲମ୍ବନ କରୁଛନ୍ତି। 'ଏ ଫଟୋ ବିଷୟରେ ଅଳ୍ପ କ'ଣ ଆଦୌ ନ ପଚାରିବା ଭଲ। ଆଉ କିଛି ଦିନ ଅପେକ୍ଷା କରନ୍ତୁ। ଫିଲ୍ମଟି ଦେଖିଲେ ଜାଣିପାରିବେ।' ଜାଫରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ବିଗ୍ ବଜେଟ୍ ଫିଲ୍ମ ଜୁନ୍ ୫ରେ ରିଲିଜ ହେଉଛି।



## ଦିନ ଗଣୁଛନ୍ତି କିଆରା


କିଆରା ଆଡୱାନୀ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କେବେ ସେହି ଶୁଭଦିନ ଆସିବ। କେହି କେହି ହୁଏତ ଭାବି ପାରନ୍ତି ଯେ ବୋଧହୁଏ କିଆରା ଘର ସଂସାର କରିବାକୁ ଯାଉଛନ୍ତି। ହେଲେ ଅସଲ କଥା ହେଲା ଆସନ୍ତା ମାସରେ ତାଙ୍କ ଅଭିନୀତ 'କବୀର ସିଂ' ରିଲିଜ ହେବାକୁ ଯାଉଛି। ଜୁନ୍ ୨୧ରେ ଫିଲ୍ମଟି ପରଦା ଉପରକୁ ଆସିବ। ଏହାର ଟ୍ରେଲର ନିକଟରେ ରିଲିଜ ହୋଇଛି। ଟ୍ରେଲର ଦେଖିବା ପରେ କିଆରା ଖୁସିରେ ଉଚ୍ଛୁଳି ପଡିଥିଲେ। ଏହି ସିନେମା ବିଷୟରେ ସେ କହନ୍ତି, 'ଏହା ଏକ ରିମେକ ଫିଲ୍ମ, ହେଲେ ଫିଲ୍ମର ଉପସ୍ଥାପନା ବେଶ୍ ସୁନ୍ଦର ହୋଇଛି। ବିଶେଷ ଭାବରେ ଏହାର ମେଲ୍ ଲିଡ୍‌ରେ ଅଭିନୟ କରିଥିବା ଶାହିଦ କପୁରଙ୍କ ଅଭିନୟ ମୋତେ ବେଶ୍ ପ୍ରଭାବିତ କରିଛି। ପ୍ରେମରେ ବିଫଳ ହେବା ପରେ ଜଣେ ଯୁବକ (କବୀର) କିପରି ଏକ ଭିନ୍ନ ରାସ୍ତାର ଯାତ୍ରୀ ହେଉଛି ତାହା ଫିଲ୍ମରେ ଦେଖିବାକୁ ମିଳିବ।' ୨୦୧୭ରେ ବିଜୟ ଦେବେରାକୋଣ୍ଡା ନିର୍ମାଣ କରିଥିଲେ ତେଲୁଗୁ ଫିଲ୍ମ 'ଅର୍ଜୁନ ରେଡ୍ଡି' ଏବଂ ଏହା ସେ ସମୟରେ ସୁପରହିଟ୍ ହୋଇଥିଲା। ଏହି ଚଳଚ୍ଚିତ୍ରର ରିମେକ୍ ହେଉଛି 'କବୀର ସିଂ'। 'ଅର୍ଜୁନ ରେଡ୍ଡି'ର ନିର୍ଦ୍ଦେଶକ ସନ୍ଦୀପ ଭାଙ୍ଗା ଏହାର ନିର୍ଦ୍ଦେଶନା ଦେଉଛନ୍ତି।

## ଅନୁତାପ କରୁଛନ୍ତି ତାରା

ତାରା ସୁତାରିଆ ଯାହା ଆଶା କରିଥିଲେ ତାହା ପାଣିରେ ମିଳାଇ ଯାଇଛି। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨ରେ ବରୁଣ ଧାୱନ ଏବଂ ନବାଗତା ଅନନ୍ୟା ପାଣ୍ଡେଙ୍କ ବ୍ୟତୀତ ତାରା ମଧ୍ୟ ଅଭିନୟ କରିଛନ୍ତି। ହେଲେ ଫିଲ୍ମଟି ଆଶାନୁରୂପ ବିଜନେସ କରିପାରିନାହିଁ। ଔଷଧ ରାଗରେ ତାଟିଆ କାମୁଡିବା ଭଳି ଏହାର ରାଗ ସେ ଜଣେ ପ୍ରଯୋଜକଙ୍କ ଉପରେ ଶୁଝାଇଛନ୍ତି। ନିକଟରେ ଏହି ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଅଫର ଦେଇଥିଲେ। ନିଜ ଭୂମିକା ବିଷୟରେ ଶୁଣିବା ପରେ ରାଜି ହୋଇଥିଲେ। ହେଲେ ସେ ଗୋଟିଏ ସର୍ତ୍ତ ରଖିଥିଲେ। ଏହାର କାହାଣୀରେ କିଛି ପରିବର୍ତ୍ତନ କରିବାକୁ କହିଥିଲେ ତାରା। ହେଲେ ଏପରି କଥାରେ ପ୍ରଯୋଜକ ରାଜି ହୋଇ ନ ଥିଲେ। ଫଳରେ ଅଫରଟି ତାଙ୍କ ହାତରୁ ଖସି ଯାଇଛି। ସେପଟେ ତାରା ଏହି ଫିଲ୍ମ ଛାଡିବା ପଛରେ ଆଉ ଏକ କାରଣ ରହିଛି ବୋଲି ଆଲୋଚନା ହେଉଛି। ଉକ୍ତ ଫିଲ୍ମ ପାଇଁ ତାରା ପାରିଶ୍ରମିକ ବଢ଼ାଇଥିଲେ। ହେଲେ ଏହା ସମ୍ଭବ ନୁହେଁ ବୋଲି ପ୍ରଯୋଜକ ସୂଚନା ଦେବା ପରେ ତାରା ନିଜ ପଟରୁ ଏଥିରେ ଅଭିନୟ କରିବି ନାହିଁ ବୋଲି କହି ମନା କରିଦେଇଥିଲେ। ହେଲେ ଏବେ ଏପରି ନିଷ୍ପତ୍ତିକୁ ନେଇ ଅନୁତାପ କରୁଛନ୍ତି ତାରା।



ତାରା



## ହ୍ରିତିକଙ୍କ ବଦାନ୍ୟତା

କେବଳ ରିଲ୍ ନୁହେଁ, ରିୟଲ ଲାଇଫରେ ଅନେକ କଥାକୁ ନେଇ ଆଲୋଚନାର କେନ୍ଦ୍ର ବିନ୍ଦୁ ସାଜିଥାଆନ୍ତି ହ୍ରିତିକ। ତାଙ୍କର କେତେଜଣ ସାଙ୍ଗଙ୍କର ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା। ସେମାନଙ୍କୁ ଭଲ ବାଟକୁ ଆଣିବାକୁ ସେ ଅନେକ ଥର ଚେଷ୍ଟା କରି ବିଫଳ ହୋଇଥିଲେ। ଥରେ ତାଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଲା। ସେହି ସାଙ୍ଗମାନଙ୍କର ଗୋଟିଏ ଭଲ ଅଭ୍ୟାସ ଥିଲା। ସେମାନେ ବହି ପଢ଼ିବାକୁ ଭଲ ପାଉଥିଲେ। ଏକଥା ଯେତେବେଳେ ତାଙ୍କର ମନେ ପଡିଲା ସେତେବେଳେ ଆଉ ଡେରି ନ କରି ସେ ଏକାଥରେ ଅନଲାଇନ୍‌ରେ ୫୦ଟି ବହି ଅର୍ଡର କରିଥିଲେ। ଖାସ୍ କଥା ହେଲା କିପରି ନିଶାଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିବ ତାହା ଉପରେ ଏହି ବହିଗୁଡିକ ଲେଖାଯାଇଥିଲା। ସେଗୁଡିକ ରିସିଭ କରିବା ପରେ ଡେରି ନ କରି ବହିଗୁଡିକୁ ଗୋଟି ଗୋଟି ପ୍ୟାକ୍ କରି ସାଙ୍ଗମାନଙ୍କୁ ବାଣ୍ଟିଥିଲେ। ଯେତେବେଳେ ସେମାନେ ପଚାରିଲେ ଯେ ଏହା କି ବହି-ଏହାର ଉତ୍ତରରେ ସେ କହିଥିଲେ ଯେ ଏଥିରେ ଅନେକ କଥା ରହିଛି, ଯେତେବେଳେ ପଢ଼ିବ ବଳେ ବଳେ ଜାଣିପାରିବ। ଅସଲ କଥା ହେଲା ହ୍ରିତିକଙ୍କ ଏପରି ଅଭିନବ ଉଦ୍ୟମ ବଳରେ ତାଙ୍କର କେତେ ଜଣ ସାଙ୍ଗ ନିଜକୁ ଅନେକାଂଶରେ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରଖିବାରେ ସମର୍ଥ ହୋଇଛନ୍ତି।



ଜ୍ୟୋତି

## ସୁପରବୟ ଅବତାର

ଅଭିନେତା ଜ୍ୟୋତି ନାୟକ ଏଥର ଏକ ନୂଆ ଅବତାର ନେଇଛନ୍ତି। ପୁଣି ସେପରି ଭୂମିକାର ସଫଳତାକୁ ନେଇ ସେ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କଥା କ'ଣ କି ଏ ରୋମାଣ୍ଟିକ ନାୟକ ଏବେ ସୁପରବୟ ଅବତାର ନେଇଛନ୍ତି। ନିର୍ମାଣାଧୀନ ଏହି ଫିଲ୍ମରେ ତାଙ୍କୁ ମିଳିଛି ଏକ ଭିନ୍ନ ଧରଣର ଭୂମିକା। ହଠାତ୍ ଯୁବକ ଦେହରେ ଏପରି ଶକ୍ତି ଆସୁଛି ଯାହାଦ୍ୱାରା ସେ ଅସମ୍ଭବକୁ ସମ୍ଭବ କରିପାରୁଛି। ହେଲେ ସେପରି ଶକ୍ତି କେଉଁଠୁ ଆସୁଛି ଆଉ ତାହା ଦ୍ୱାରା ସେ କ'ଣ କରୁଛି ତାହାକୁ ନେଇ କାହାଣୀ ଗତିଶୀଳ। ସେପଟେ ନିଜ ପ୍ରେମକୁ ସଫଳ କରିବାକୁ ପୂରାଦମ୍‌ରେ ଅଣ୍ଟା ମଧ୍ୟ ଭିଡିଛି ଏହି ଯୁବକ। 'ସୁପରବୟ' ଟାଇଟଲବିଶିଷ୍ଟ ଏହି ଓଡ଼ିଆ ସିନେମାର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଫିଲ୍ମରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ବୁଲବୁଲି ତମନ୍ନା। ସାଇ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଉକ୍ତ ସିନେମାର ପ୍ରଯୋଜନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କେ. ଆନୀଷ। ଡ. ଦୀପକ ଜେନା ସଂଳାପ ରଚନା କରିଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବର୍ତ୍ତମାନର ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ରିଲିଜ୍ ହେଲେ ହିଁ ଜଣାପଡିବ।

# ପାହାନ୍ତି ରାତି ଅଧୁରା କଥା, ଘଡ଼ିକି ଘଡ଼ି ଘୁରାଏ ମଥା

**ପ୍ରଶ୍ନ**–ଜଣେ ସୁନ୍ଦରୀକୁ ମୁଁ ସବୁଦିନ ପାହାନ୍ତି ରାତିରେ ସ୍ୱପ୍ନରେ ଦେଖୁଛି। ତା' ବିଷୟରେ ଅଧିକ ଭାବିଲା ବେଳକୁ ରାତି ପାହି ଯାଉଛି। କ'ଣ କରିବି ?

*–ପ୍ରଦୀପ ଦାସ, ନବରଙ୍ଗପୁର*

**ଉତ୍ତର:** 'ପାହାନ୍ତି ରାତି ଅଧୁରା କଥା, ଘଡ଼ି କି ଘଡ଼ି ଘୁରାଏ ମଥା'। ସପନ ରାଇଜରେ ଯେତେ ବୁଲିଲେ କ'ଣ ହେବ ତା' ପଛରେ ବାସ୍ତବତା ନ ଥାଏ। ତେଣୁ ନିଜ ପ୍ରେମକୁ ବାସ୍ତବ ରୂପ ଦିଅନ୍ତୁ। ଭାବନାର ପ୍ରହେଳିକା ଭିତରେ ଯଦି ବୁଡ଼ି ରହିବେ ତେବେ କିଛି ଲାଭ ନାହିଁ। ମନର ମାନସୀଟିଏ ଖୋଜିବାକୁ ଲାଗିପଡ଼ନ୍ତୁ। ଯଦି ମିଳିଗଲା ତେବେ ତାହାର ମଜା କେତେ ବେଳେ ଜାଣିପାରିବେ।

**ପ୍ରଶ୍ନ**–ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିଲେ ମଧ୍ୟ ଅସାମାଜିକ କାମ କରିବାକୁ ଆଗ୍ରହ ପ୍ରକାଶ କରେ କାହିଁକି ?

*–ବିଜୁ ସାହୁ, ଭୂମିକା ଭେରାଇଟି ଷ୍ଟୋର, ନାଗବାଲି ବଜାର, କଟକ*

**ଉତ୍ତର:** ମଣିଷର କାମ ତାହାର ମାନସିକତା ଉପରେ ନିର୍ଭର କରେ। କାହା ମନକୁ କ'ଣ ଆନ୍ଦୋଳିତ କରୁଛି ତାହା ଆକଳନ କରିବା ସହଜ କଥା ନୁହେଁ। ଯଦି ରାସ୍ତାରେ କଣ୍ଟାଟିଏ ପଡିଛି ଦେଖି ମଧ୍ୟ ଆମେ ତା' ଉପରେ ଗୋଡ଼ ପକାଇବା ତେବେ ତାହାର ଫଳ ଆମକୁ ହିଁ ଭୋଗିବାକୁ ପଡ଼ିବ। ଯେଉଁମାନେ ଅସାମାଜିକ କାମରେ ନିଜକୁ ନିୟୋଜିତ ରଖୁଛନ୍ତି ସେମାନେ ନିଜକୁ ଠିକ୍ ଭାବରେ ପଢ଼ିପାରୁନାହାନ୍ତି। ଏଭଳି କାମ ଜୀବନକୁ କେଉଁ ସ୍ତରକୁ ନେଇଯାଏ ତାହା ଥରେ ଚିନ୍ତା କରିବା କଥା। ତେଣୁ ମାନସିକତାରେ ପରିବର୍ତ୍ତନ ଆସିଲେ ଜଣେ ଏଭଳି କାମଠାରୁ ନିଜକୁ ଦୂରେଇ ରଖି ପାରିବ। କାରଣ ସବୁକିଛି ନିଜ ଉପରେ ହିଁ ନିର୍ଭର କରିଥାଏ।

**ପ୍ରଶ୍ନ**–ପ୍ରେମ ରୋଗ ଭଲ ହେବାକୁ କିଛି ଔଷଧ ଅଛି କି ?

*–ରାକେଶ ରାଉଳ, ବାଲେଶ୍ୱର*

**ଉତ୍ତର:** ପ୍ରେମ ରୋଗ ଭଲ ହେବାକୁ କିଛି ଔଷଧ ତ ନାହିଁ। ପ୍ରେମ ଯଦି ନିର୍ଭେଜାଲ ରହିଲା ତେବେ ସେଥିରୁ ସକ୍‌ସେସ ମିଳିବା ଚାନ୍ସ ଅଧିକ। ଯଦି ଏହା ଅଡୁଆ ତଡୁଆ ହୋଇଗଲା ତେବେ ସବୁକିଛି ଗଡ଼ବଡ଼ ହୋଇଯାଇଥାଏ। ପ୍ରେମର ନିଶା ଭାରି ଗାଢ଼। ଯଦି ଏଥିରେ ପ୍ରତାରଣା, ଧୋକା ପରି ଭାଇରସ ପ୍ରବେଶ କରେ ତେବେ ସେଥିରୁ କିଛି ଆଶା କରିବା ବୃଥା। ପ୍ରେମକୁ ନେଇ ଯଦି ମନରେ ସନ୍ଦେହ ବାଦଲ ସବୁବେଳେ ଉଙ୍କି ମାରେ ତେବେ ସେଥିରୁ ମୁକୁଳିବା କଷ୍ଟକର। ତେଣୁ ଅସଲ ପ୍ରେମରେ ନିଜକୁ ବୁଡ଼ାଇ ରଖନ୍ତୁ।

**ପ୍ରଶ୍ନ**–ପ୍ରେମରେ କେଉଁମାନେ ଅଧିକ ଧୋକା ଦିଅନ୍ତି, ପୁଅ ନା ଝିଅ ?

*–ବିଦ୍ୟ ରାୟ, ଚିପିଲିମା, ସମ୍ବଲପୁର*

**ଉତ୍ତର:** ଏଭଳି ଗହନ କଥାରେ ନ ପଶିବା ଭଲ। କାରଣ ପ୍ରେମ ଉପରୁ ବିଶ୍ୱାସ ତୁଟିଗଲେ ଧୋକା, ପ୍ରତାରଣା ପରି ଆଶଙ୍କା ସୃଷ୍ଟି ହୁଏ। ଗୋଟିଏ ହାତରେ କେବେ ତାଳି ବାଜିଲାଣି ? ଦୁଇ ପଟରୁ କାହାର କମ୍ ନ ହେଲେ କାହାର ବେଶି ଦୋଷ ଥିବ। ହେଲେ ଯଦି ପ୍ରେମର ଗାଡି ଠିକ୍ ଚାଲିଛି ତେବେ ଏ ବିଷୟରେ କାହିଁକି ଚିନ୍ତା କରୁଛନ୍ତି କହିଲେ ?

**ପ୍ରଶ୍ନ**–ମୋରି ସାମ୍ନାରେ ମୋ ପ୍ରେମିକାର ବାହାଘର ହୋଇଗଲା। ତାକୁ ଦେଖି ମନକୁ ବୁଝାଇ ଦେଲି। ହେଲେ ଏବେ ତା' କଥା ସବୁବେଳେ ମନେ ପଡୁଛି। କ'ଣ କରିବି ?

*–ଶାଶ୍ୱତ ସାହୁ, ଅନୁଗୋଳ*

**ଉତ୍ତର:** ଅଧୁରା ପ୍ରେମ ଭାରି ଡେଞ୍ଜର। ଏହା ଛାଇ ହୋଇ ସବୁବେଳେ ପଛରେ ଗୋଡ଼ାଇଥାଏ। ତେଣୁ ସେଭଳି ପରିବେଶରୁ ନିଜକୁ ଦୂରେଇ ରଖିବା ଭଲ। ଆପଣଙ୍କ ଆଖି ସାମ୍ନାରେ ଆପଣଙ୍କର ପ୍ରେମିକା ଆଉ କାହାର ହାତ ଧରି ଚାଲିଗଲା। ସେପରି ହୃଦୟ ବିଦାର ଦୃଶ୍ୟକୁ ଛାତିରେ ପଥର ରଖି ଦେଖିଲେ। ଏବେ ଯଦି ତା' କଥା ମନେ ପଡୁଛି ତେବେ ଅନୁତାପର ନିଆଁରେ ନିଜକୁ ଅଯଥାରେ ତିଳ ତିଳ କରି ଜାଳିବା ହିଁ ସାର। ତେଣୁ ସେହି ପ୍ରେମ ଏବଂ ପ୍ରେମିକାକୁ ମନରୁ ସବୁଦିନ ପାଇଁ ପୋଛି ଦିଅନ୍ତୁ। ଭୁଲିଯାଆନ୍ତୁ ସେହି ସମୟକୁ। ଦେଖିବେ ଧୀରେ ଧୀରେ ସେହି ଘଟଣା ଆପଣଙ୍କ ମନରୁ ଅପସରି ଯିବ।



ସାଥୀ



ପ୍ରଥମ ରୋଜଗାର

ଅବସରପ୍ରାପ୍ତ ଶାସନ ସଚିବ ତଥା ସମାଜସେବୀ **ଡ. ଇଂ ନନ୍ଦନନ୍ଦନ ଦାସ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମା ଟଙ୍କା ଘରକୁ ପଠାଇଥିଲି

ଭଦ୍ରକ ଜିଲା ବାଉଦପୁର ଗାଁରେ ମୋ ଜନ୍ମ। ବି.ଏମ୍ ବାଗୁରାଇ ଉଚ୍ଚ ବିଦ୍ୟାଳୟରୁ ଏକାଦଶ ପାସ୍ କରି ଭଦ୍ରକ କଲେଜରେ ଆଇ.ଏସ୍‌ସି ଓ ଗୋଟିଏ ବର୍ଷ ବି.ଏସ୍‌ସି ପଢ଼ିଲା ପରେ ବୁର୍ଲା ଇଂଜିନିୟରିଂ କଲେଜରେ ସିଭିଲ୍ ଇଂଜିନିୟରିଂ ପଢିଥିଲି। ସିଭିଲ୍ ଇଂଜିନିୟରିଂର ଫାଇନାଲ୍ ପରୀକ୍ଷା ଦେଇଥାଏ ହେଲେ ରେଜଲ୍ଟ ବାହାରି ନ ଥାଏ, ତା'ରି ଭିତରେ ମୋତେ ପୂର୍ତ୍ତ ବିଭାଗରେ ଓଭର୍‌ସିୟର୍ ଭାବେ ଚଣ୍ଡିଖୋଲରେ ନିଯୁକ୍ତି ମିଳିଗଲା। ଏହା ହେଉଛି ୧୯୬୫ ମସିହାର କଥା। ସେତେବେଳେ ୨୬୦ ଟଙ୍କା ଦରମା ପାଉଥିଲି। କିଛି ଟଙ୍କା ନିଜ ଖର୍ଚ୍ଚ ପାଇଁ ରଖି ବାକି ଟଙ୍କା ଘରକୁ ପଠାଉଥିଲି। କିଛିଦିନ ପରେ ରେଜଲ୍ଟ ବାହାରିଲା, ଆଉ ମୁଁ ଓଭରସିୟର୍‌ରୁ ଜୁନିୟର୍ ଇଂଜିନିୟର୍ ହୋଇ ଚଣ୍ଡିଖୋଲ ଓ ଗଡ଼ମଧୁପୁରରେ କାମ କଲି। ଏହାପରେ ଆସିଷ୍ଟାଣ୍ଟ ଇଂଜିନିୟର୍ ଭାବେ ପଦୋନ୍ନତି ପାଇ କେନ୍ଦ୍ରାପଡ଼ା, ବାଲିଚନ୍ଦ୍ରପୁର, କୁଜଙ୍ଗ ଓ ରାଉରକେଲାରେ କାମ କଲି। ତା'ପରେ ଆର୍‌ଇଓ ସଂସ୍ଥାକୁ ଆସିଷ୍ଟାଣ୍ଟ ଇଂଜିନିୟର୍ ଭାବେ ବଦଳି ହୋଇଗଲି ଆଉ ସେଠାରେ ୫ ବର୍ଷ କାମ କରି ପୁଣି ପୂର୍ତ୍ତ ବିଭାଗକୁ ଆସିଲି। ଏହାପରେ ହାଉସିଂ ବୋର୍ଡ ଡିପାର୍ଟମେଣ୍ଟରେ କିଛିଦିନ ଆସିଷ୍ଟାଣ୍ଟ ଇଂଜିନିୟର୍, ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର୍ ଓ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର୍ ଭାବେ କାମ କଲି। ତା'ପରେ ପୁଣି ପୂର୍ତ୍ତ ବିଭାଗର ଏଡିବି ପ୍ରୋଜେକ୍ଟର ସମ୍ବଲପୁର–ରାଉରକେଲା ରାସ୍ତାରେ ରେସିଡେଣ୍ଟ ଇଂଜିନିୟର୍ ଭାବେ କିଛିଦିନ କାମ କରି ପ୍ରମୋଶନ ପାଇ ପ୍ରୋଜେକ୍ଟ ଡାଇରେକ୍ଟର ହେଲି ଏବଂ ସେହି ପ୍ରୋଜେକ୍ଟକୁ ସମ୍ପୂର୍ଣ୍ଣ କଲି। ଏହାପରେ ପୁଣି ପ୍ରମୋଶନ ପାଇ ପଞ୍ଚାୟତିରାଜ ଡିପାର୍ଟମେଣ୍ଟରେ ପାୱାର୍ ଅଫ୍ ଚିଫ୍ ଇଂଜିନିୟର୍, ଇଡ୍‌କୋରେ ଚିଫ୍ ଇଂଜିନିୟର୍ ଏବଂ ପୂର୍ତ୍ତ ବିଭାଗରେ ଇଂଜିନିୟର୍ ଇନ୍ ଚିଫ୍ ଭାବେ କିଛିଦିନ କାମ କରିବା ପରେ ପୂର୍ତ୍ତ ବିଭାଗର ଶାସନ ସଚିବ ହେଲି। ଆଉ ଏହି ପଦବୀରେ ଥାଇ ଶେଷରେ ୩୧ ଡିସେମ୍ବର, ୨୦୦୧ରେ ଚାକିରିରୁ ଅବସର ନେଲି। କର୍ମମୟ ଜୀବନରେ ରାସ୍ତା ଓ ବିଲ୍ଡିଂ ଉପରେ ଯେଉଁସବୁ ନିଜସ୍ୱ ନୂତନ ଉଦ୍ଭାବନ କରିଥିଲି, ଅବସର ପରେ ସେହି ବିଷୟ ଯଥା 'ରୋଡ୍', 'ବିଲ୍ଡିଂ ଆଣ୍ଡ ଡିଜାଷ୍ଟର୍' ଉପରେ ୨ଥର ପିଏଚ୍.ଡି ପାଇଲି। ତା'ସହିତ ଡି.ଏସ୍‌ସି ଇନ୍ ସିଭିଲ୍ ଇଂଜିନିୟରିଂ ମଧ୍ୟ ପାଇଥିଲି। ଏହାଛଡ଼ା ବିଭିନ୍ନ ଜର୍ନାଲ୍ ପାଇଁ ରିସର୍ଚ୍ଚ ଆର୍ଟିକିଲ୍ ଲେଖିବା ସହ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ସାମିଲ କରି ସୋସିଆଲ୍ ୱାର୍କରେ ଡି.ଲିଟ୍ ଏବଂ ପୋଷ୍ଟ ଡକ୍ଟୋରାଲ୍ ଫେଲୋଶିପ୍ କେ.ସି ଇଣ୍ଟର ନ୍ୟାସନାଲ୍ ୟୁନିର୍ଭସିଟି, ସାଉଥ୍ କୋରିଆରୁ ପାଇଲି। ଆଉ ଏବେ ପିପୁଲ୍ସ ୱେଲଫେୟାର୍ ସଜେଶନ୍ ଫୋରମ୍‌ର ଚେୟାର୍‌ମ୍ୟାନ୍, ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଚେୟାର୍‌ମ୍ୟାନ୍ ତଥା ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସ୍‌ର ଆଡ୍‌ଭାଇଜର୍ ଭାବେ ଦାୟିତ୍ୱ ତୁଲାଉଅଛି। ତା'ଛଡ଼ା ପୋସ୍କୋର କନ୍‌ସଲ୍‌ଟାଣ୍ଟ, ୟୁକେ କମ୍ପାନୀ ମଟ୍ଟ ମାକ୍‌ଡୋନାଲ୍ଡର ଟିମ୍ ଲିଡର୍ ଭାବେ ବି କିଛିଦିନ ଦାୟିତ୍ୱ ତୁଲାଇଥିଲି। ସେହିପରି ହାଇଦ୍ରାବାଦ୍–ବାଙ୍ଗାଲୋର୍ ରାସ୍ତାର ଡିପିଆର୍, ଗାଜିୟାବାଦ୍–ଆଲିଗଡ଼ ରାସ୍ତାର ଡିପିଆର୍ ଏବଂ ନୟାଗଡ଼–ବଲାଙ୍ଗୀର ରାସ୍ତାର ଡିପିଆର୍ ବି ମୁଁ ପ୍ରସ୍ତୁତ କରିଥିଲି। ଏ ସମସ୍ତ ଉଲ୍ଲେଖନୀୟ କାମ ପାଇଁ ମୋତେ ରାଷ୍ଟ୍ରୀୟ ଗୌରବ ପୁରସ୍କାର ମିଳିବା ସହ ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ଇଂଜିନିୟର୍ସ ତରଫରୁ ୬ଥର ଗୋଲ୍ଡ ମେଡାଲ୍ ବି ମିଳିଛି। ସେହିପରି ମୋ ଲିଖିତ ୬ଟି ପୁସ୍ତକ (ଗ୍ଲୋବାଲ୍ ପିସ୍, ଫାଇନ୍ ଟ୍ୟୁନିଂ ଅଫ୍ ରୋଡ୍ ଆଣ୍ଡ ବିଲ୍ଡିଂ ପ୍ରୋଜେକ୍ଟସ୍, ରିଲିଜିଅନ୍ ହ୍ୟୁମାନିଟି, ଅମୂଲ୍ୟ ରତ୍ନର ମାଳା, ଜାଗ ଭାରତବାସୀ ସମୟ କମ୍, ମାନବ ଧର୍ମ)ପ୍ରକାଶିତ ହେବା ପରେ ମୁଁ ବହୁ ପାଠକୀୟ ପ୍ରଶଂସା ପାଇଛି। ତନ୍ମଧ୍ୟରୁ ଗ୍ଲୋବାଲ୍ ପିସ୍ ପୁସ୍ତକଟିକୁ ନଭେମ୍ବର ୨୦୧୭ରେ ମୁଁ ପ୍ରାୟ ୧୭୦ ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠାଇଥିଲି। ଉକ୍ତ ପୁସ୍ତକରେ ଲେଖାଥିବା ଉପାଦେୟ ତଥ୍ୟ ଗୁଡ଼ିକୁ ପଢି ଏବେ ନର୍ଥ ଓ ସାଉଥ୍ କୋରିଆ ଶତ୍ରୁତା ଭାବ ଭୁଲି ପରସ୍ପର ମଧ୍ୟରେ ବନ୍ଧୁତା ଭାବ ସ୍ଥାପନା କରିବା ସଙ୍ଗେ ସଙ୍ଗେ ଆମେରିକା ସହିତ ଗ୍ଲୋବାଲ୍ ପିସ୍ ପାଇଁ ନର୍ଥ କୋରିଆ ମଧ୍ୟ ଆଗେଇ ଆସିଲାଣି, ଯାହା ମୋ ପାଇଁ ଏକ ଗର୍ବର ବିଷୟ। ତା'ଛଡ଼ା ୟା' ଭିତରେ ମୁଁ ପ୍ରାୟ ୨୫ଟି ଦେଶ ଭ୍ରମଣ କରିବା ସହ ନେପାଳ ଓ ଭାରତରେ ଅନେକ ଅନ୍ତର୍ଜାତୀୟ ସେମିନାର୍‌ରେ ଆର୍ଟିକିଲ୍ ପରିବେଷଣ ମଧ୍ୟ କରିସାରିଛି। ସେହିପରି ପୃଥିବୀ ସୂର୍ଯ୍ୟଙ୍କଠାରୁ ବାହାରିବା ପରେ କାହିଁକି ବିପରୀତ ଦିଗରେ ବୁଲି ଦିନରାତି ହୁଏ, ତା'ର କାରଣ ଉଦ୍ଭାବନ କରି ଭୁବନେଶ୍ୱରସ୍ଥିତ ପ୍ଲାନେଟୋରିୟମ୍‌କୁ ହସ୍ତାନ୍ତର କରିଛି। ଏହିପରି ଅନେକ ବୈଜ୍ଞାନିକ ପଦ୍ଧତି ଆବିଷ୍କାର ପାଇଁ ଇଣ୍ଡିଆ ଫାଷ୍ଟ ମାଗାଜିନ୍ ମୋତେ 'ମ୍ୟାନ୍ ଅଫ୍ ସାଇନ୍ସ ଆଣ୍ଡ ସେନ୍ସ' ନାମିତ କରିଛି। ଏସବୁ ବ୍ୟତୀତ ବିଭିନ୍ନ ପ୍ରକାର ଫସିଲ୍, କୋରାଲ୍ ଓ କ୍ରିଷ୍ଟାଲ୍‌କୁ ନେଇ ମୋର ଏକ କ୍ଷୁଦ୍ର ସଂଗ୍ରହାଳୟ ମଧ୍ୟ ରହିଛି। ସେହିପରି ମୁଁ ଜଣେ ଭଲ ପହଁରାଳି। ଭିନ୍ନଭିନ୍ନ ସମୟରେ ପାଣିରେ ବୁଡି ଯାଉଥିବା ୪ ଜଣ ନିରୀହ ବ୍ୟକ୍ତିଙ୍କର ଜୀବନ ମୁଁ ବଞ୍ଚାଇଛି। ମିଛ କହିବା ଓ ଭୁଲ୍ କାମ କରିବା ମୋ ନୀତି ବିରୋଧ। ତେଣୁ ଆଜି ମୁଁ ଯେଉଁ ସ୍ଥାନରେ ପହଁଞ୍ଚିଛି ତା' ପଛରେ ମୋ ନିଷ୍ଠା, ଆଦର୍ଶ ଓ ଭଗବାନଙ୍କର ଆଶୀର୍ବାଦକୁ ଶ୍ରେୟ ଦେବି।

*–ଅନ୍ୱିତା*

# କୋହ୍ଲାପୁରୀ ଚପଲ







ଖରାଦିନେ ପିନ୍ଧିବା ପାଇଁ କୋହ୍ଲାପୁରୀ ଚପଲ ଯେମିତି କମ୍ଫର୍ଟେବଲ୍ ଲାଗେ ଠିକ୍ ସେମିତି ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ। ଆଜିକାଲି ମାର୍କେଟ୍‌ରେ ଏହି ଚପଲର ଅନେକ ଡିଜାଇନ୍ ବି ମିଳିଲାଣି, ଯାହାକୁ ଉଭୟ କାଜୁଆଲ୍ ଓ ଏଥ୍‌ନିକ୍ ଆଉଟ୍‌ଫିଟ୍ ସହ ପିନ୍ଧିହେଉଛି। ତା'ଛଡ଼ା କୋହ୍ଲାପୁରୀ ବେଶ୍ ଆରାମଦାୟକ, ଫ୍ୟାଶନେବଲ୍ ଆଉ ମଲ୍ଟି ପରପୋଜ୍ ଫୁଟ୍‌ୱେର୍ ହୋଇଥିବାରୁ ଏହାକୁ ଯେ କୌଣସି ଅକେଜନ୍‌ରେ ମଧ୍ୟ ଟ୍ରାଏ କରାଯାଇପାରେ। ସେମିତି କିଛି ଟ୍ରେଣ୍ଡି କୋହ୍ଲାପୁରୀ ଫୁଟ୍‌ୱେର୍ ସମ୍ପର୍କରେ...









**କାଜୁଆଲ୍ କୋହ୍ଲାପୁରୀ:** ନିୟମିତ ବ୍ୟବହାର ପାଇଁ କାଜୁଆଲ୍ କୋହ୍ଲାପୁରୀ ସବୁଠାରୁ ବେଷ୍ଟ ଅପ୍ସନ। ଖାସ୍ କରି ଖରାଦିନେ ଏହାକୁ ପିନ୍ଧିଲେ କମ୍ଫର୍ଟେବ୍‌ଲ ଲାଗିବା ସହ କ୍ଲାସି ଲୁକ୍ ମିଳିଥାଏ।

**କ୍ଲାସିକ୍ ଲେଦର୍ କୋହ୍ଲାପୁରୀ:** ଯଦି ଆପଣଙ୍କୁ ଅଫିସୱେର୍ ସହିତ କିଛି ବି ହାଲ୍‌କା ଫୁଲ୍‌କା ଫୁଟ୍‌ୱେର ପିନ୍ଧିବାକୁ ଭଲ ଲାଗେ, ତା'ହେଲେ କ୍ଲାସିକ୍ ଲେଦର କୋହ୍ଲାପୁରୀ ଫୁଟ୍‌ୱେର ଚୟନ କରିବା ଠିକ୍ ହେବ। ଏହା ପିନ୍ଧିବାକୁ କମ୍ଫର୍ଟେବଲ୍ ଲାଗିବା ସହ ସୋବର୍ ଲୁକ୍ ଦେଇଥାଏ।

**ଏମ୍ବ୍ରୋଏଡ୍ କୋହ୍ଲାପୁରୀ:** ଏମ୍ବ୍ରୋଏଡ୍ କାମବାଲା ଆଉଟ୍‌ଫିଟ୍ କିମ୍ବା ଫୁଟ୍‌ୱେର ପିନ୍ଧିବା ପସନ୍ଦ ଥିଲେ, ଆପଣ ଏମ୍ବ୍ରୋଏଡ୍ କୋହ୍ଲାପୁରୀ ଟ୍ରାଏ କରିପାରିବେ। ଏବେ ଏହି ଫୁଟ୍‌ୱେର ସିଙ୍ଗଲ୍ ଓ ମଲ୍ଟି କଲର୍‌ରେ ବି ଉପଲବ୍ଧ ହେଲାଣି। ଏହି ଷ୍ଟାଇଲର କୋହ୍ଲାପୁରୀକୁ ଜୟପୁରୀ ସ୍କର୍ଟ, ଶାଢ଼ି, ସାଲୱାର୍ କମିଜ୍ ସହ ପେୟାର୍ କରି ପିନ୍ଧିଲେ ବେଶ୍ ଭଲ ମାନିଥାଏ।

**ପମ୍‌ପମ୍ କୋହ୍ଲାପୁରୀ:** ଆଜିକାଲି ପମ୍‌ପମ୍‌ର କ୍ରେଜ୍ ମହିଳାଙ୍କ ଭିତରେ ଖୁବ୍ ରହିଥିବା ଦେଖିବାକୁ ମିଳୁଛି। ଆଉଟ୍‌ଫିଟ୍, ହେୟାର୍ ଆସେସରିଜ୍ ଏପରି କି ଫୁଟ୍‌ୱେର୍‌ରେ ବି ପମ୍‌ପମ୍‌ର ବ୍ୟବହାର କରାଗଲାଣି। ଏବେ ପମ୍‌ପମ୍ କୋହ୍ଲାପୁରୀ ବି ମାର୍କେଟ୍‌ରେ ମିଳିଲାଣି। ସାଲୱାର୍ କମିଜ୍ ହେଉ ଅବା ଜିନ୍ସ ଓ ଟପ୍ସ ସହ ଏହା ବେଶ୍ ଭଲ ମାନିଥାଏ। ତେବେ ମ୍ୟାଚିଂ କଲର୍‌ର ପମ୍‌ପମ୍ ତୁଳନାରେ କଣ୍ଟ୍ରାଷ୍ଟିଂ କଲର୍ ପମ୍‌ପମ୍ ଲାଗିଥିବା କୋହ୍ଲାପୁରୀ ଅଧିକ ସୁନ୍ଦର ଦେଖାଯାଇଥାଏ।

**ଟ୍ୟାସେଲ୍‌ବାଲା କୋହ୍ଲାପୁରୀ:** ଟ୍ୟାସେଲ୍‌ବାଲା କୋହ୍ଲାପୁରୀ ଫୁଟ୍‌ୱେର୍ ବି ବହୁତ ସୁନ୍ଦର ଦେଖାଯାଇଥାଏ। ଖାସ୍ କରି ଜିନ୍ସ ସହ ଏହାକୁ କ୍ୟାରି କଲେ ଟ୍ରେଣ୍ଡି ଲୁକ୍ ମିଳେ।

**ମିରର୍ ୱାର୍କ କୋହ୍ଲାପୁରୀ:** ମିରର୍ ୱାର୍କ କେବଳ ଆଉଟ୍‌ଫିଟ୍‌ରେ ନୁହେଁ, କୋହ୍ଲାପୁରୀ ଫୁଟ୍‌ୱେର ବି ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ। ଏହାକୁ ଆପଣ ଚାହିଁଲେ ସାଲୱାର୍ କମିଜ୍ ହେଉ ଅବା ଜିନ୍ସ ଓ ଟପ୍ସ ସହ ପେୟାର୍ କରି ପିନ୍ଧିପାରିବେ।

**ଘୁଙ୍ଗୁର କୋହ୍ଲାପୁରୀ:** ଯଦି ଆପଣଙ୍କୁ ଘୁଙ୍ଗୁରର ଝୁମ୍‌ଝୁମ୍ ଶବ୍ଦ ଶୁଣିବାକୁ ଭଲ ଲାଗେ, ତା'ହେଲେ ଏହି କୋହ୍ଲାପୁରୀ ଫୁଟ୍‌ୱେର୍ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିବା ସହ ଏକ ନିଆରା ଆନନ୍ଦ ପାଇପାରିବେ। ତେବେ ଏହି ଫୁଟ୍‌ୱେରକୁ କେବଳ ପାର୍ଟି ଓ ଫଙ୍କଶନ୍‌କୁ ଶାଢ଼ି କିମ୍ବା ସାଲୱାର୍ ପିନ୍ଧି ଗଲାବେଳେ ପିନ୍ଧିଲେ ଭଲ ମାନିଥାଏ।



ଖୁସୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦,
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋସୌଜନ୍ୟ-କୁମାର ଶରତ, ଧରିତ୍ରୀ

# ହାଃ ହାଃ

### ଶାଢି

ସ୍ତ୍ରୀ- ମୋର ଗୋଟେ ଶାଢି ଦରକାର। ତମେ ଆମ୍ମାଜାନ୍‌ଠାରୁ ମଗେଇ ଦଉନ।

ସ୍ୱାମୀ- କୋଉ ଆମ୍ମାଜାନ୍?

ସ୍ତ୍ରୀ- କ'ଣ ଜାଣିପାରୁନ ଯେ। ତମେ ବା ସବୁବେଳେ ସେଇଠାରୁ ତୁମର ଶାର୍ଟ ମଗାଅ।

ସ୍ୱାମୀ- ଆରେ ମୂର୍ଖ...ଆମ୍ମାଜାନ୍ ନୁହେଁ। ସେଇଟା ଆମାଜନ୍।

### ଏକ୍ସ

ଗଣିତ ସାର୍ ବ୍ଲାକ୍‌ବୋର୍ଡରେ ଲେଖିସାରିବା ପରେ ଭୋଲୁକୁ- କହିଲୁ ଦେଖି ଏକ୍ସର ଭେଲ୍ୟୁ କ'ଣ?

ଭୋଲୁ- ସାର୍...ସିଏ ମୋର ଜୀବନ ଥିଲା।

### ଡାଲି

ସ୍ୱାମୀ ସ୍ତ୍ରୀକୁ ଖାଇବା ସମୟରେ- ଛି...ଏ କେଉଁ ପ୍ରକାରର ଡାଲି କରିଛ। ନା ଏଥିରେ ଲୁଣ ପଡିଛି, ନା ହଳଦୀ। ପୂରା ପାଣିଚିଆ ଲାଗୁଛି। ଦିନସାରା ମୋବାଇଲ୍ ଦେଖୁଛ, କାମରେ ମନ ଦେଉନ।

ସ୍ତ୍ରୀ(ନିଆଁ ବାଣ ହେଇ)- ତମେ ଆଗ ତୁମ ମୋବାଇଲ୍ ସାଇଡ୍‌ରେ ରଖ। ମୁଁ କେତେବେଳୁ ଦେଖୁଛି ମୋବାଇଲ୍‌କୁ ଦେଖି ଦେଖି ତମେ ପାଣିରେ ରୁଟି ବୁଡେଇ ବୁଡେଇ ଖାଉଛ।

# ଗୋଆର ବାଣିଜ୍ୟିକ ଓ ସାଂସ୍କୃତିକ ରାଜଧାନୀ
# ମାର୍ଗାଓ

ଗୋଆର ବାଣିଜ୍ୟିକ ଓ ସାଂସ୍କୃତିକ ରାଜଧାନୀ ଭାବେ ଜଣାଶୁଣା ମାର୍ଗାଓକୁ କେହି କେହି ମଡଗାଓ ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି। ଏହା ସେଠାକାର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ବାଣିଜ୍ୟିକ ଦୃଷ୍ଟିକୋଣରୁ ମାର୍ଗାଓର ରହିଛି ଏକ ସ୍ୱତନ୍ତ୍ର ପରିଚୟ। ଖାସ୍ ସେଇଥିପାଇଁ ଏଠାକୁ ଛୁଟୁଛି ପର୍ଯ୍ୟଟକଙ୍କର ସୁଅ...







### କେବେ ଯିବେ

ଏଠାରେ ମାର୍ଚ୍ଚରୁ ମେ' ଗ୍ରୀଷ୍ମଋତୁ, ଜୁନ୍‌ରୁ ସେପ୍ଟେମ୍ବର ବର୍ଷା ଆଉ ନଭେମ୍ବରରୁ ଫେବୃୟାରୀ ଶୀତଋତୁ ଅନୁଭୂତ ହୋଇଥାଏ। ଖରାଦିନେ ଏଠାକାର ତାପମାତ୍ରା ୩୨ ଡିଗ୍ରୀ ସେଲ୍‌ସିୟସ୍ ରହୁଥିବାବେଳେ ଶୀତଦିନେ ତାପମାତ୍ରା ୨୦ରୁ ୨୮ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହିଥାଏ। ହେଲେ ସୂଚନାନୁଯାୟୀ, ଏଠାରେ ବର୍ଷାଦିନେ ପ୍ରବଳ ବର୍ଷାହୁଏ। ତେଣୁ ପର୍ଯ୍ୟଟକ ଚାହିଁଲେ ନଭେମ୍ବରରୁ ମେ' ଭିତରେ ଯେ କୌଣସି ସମୟରେ ଏଠାକୁ ବୁଲିବାକୁ ଯାଇପାରିବେ।

### କେମିତି ଯିବେ

ଗୋଆର ଡାବୋଲିମ୍ ଏୟାର୍‌ପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର, ଯାହା ମାର୍ଗାଓଠାରୁ ପ୍ରାୟ ୨୩ କି.ମି. ଦୂରରେ ଅବସ୍ଥିତ। ସେହିପରି ମାର୍ଗାଓ ଜଙ୍କସନ୍ ହେଉଛି ଏହାର ନିକଟତମ ରେଲଷ୍ଟେଶନ। ତା'ଛଡ଼ା ବସ୍ ଯୋଗେ ବି ପର୍ଯ୍ୟଟକ ଚାହିଁଲେ ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ବୁଲିବାକୁ ଆସିପାରିବେ।

### କ'ଣ ଦେଖିବେ

ଏଠାରେ ପର୍ଯ୍ୟଟକଙ୍କ ଦେଖିବା ପାଇଁ ଅନେକ ଧାର୍ମିକସ୍ଥଳୀ ତଥା ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ରହିଛି। ଯେମିତି କି–

**ଶ୍ରୀଦାମୋଦର ମନ୍ଦିର:** ଗୋଆରେ ରହୁଥିବା ସମସ୍ତ ହିନ୍ଦୁ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀଦାମୋଦର ମନ୍ଦିର ଏକ ପବିତ୍ର ତୀର୍ଥସ୍ଥଳୀ ଅଟେ। ଏହି ମନ୍ଦିରରେ ସ୍ଥାପିତ ମୂର୍ତ୍ତି ପ୍ରଥମେ ଏକ ପୁରୁଣା ମନ୍ଦିରରେ ପୂଜା ପାଉଥିଲେ। କିନ୍ତୁ ଉକ୍ତ ମନ୍ଦିରଟି ଭାଙ୍ଗିଯିବା ପରେ ନୂଆ ମନ୍ଦିରଟି ନିର୍ମାଣ କରାଯାଇ ସେଠାକୁ ଠାକୁରଙ୍କୁ ସ୍ଥାନାନ୍ତରିତ କରି ନିଆଗଲା। ପରେ ସେହି ପୁରୁଣା ମନ୍ଦିର ସ୍ଥାନରେ ହୋଲି ସ୍ପିରିଟ୍ ଚର୍ଚ୍ଚ ତିଆରି ହେଲା। ଭଗବାନ ଦାମୋଦର ହେଉଛନ୍ତି ପ୍ରଭୁ ଶିବଙ୍କର ଏକ ଅବତାର। ତେବେ ଦାମୋଦର ମନ୍ଦିର ବ୍ୟତୀତ ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ହରି ମନ୍ଦିର, ମାରୁତି ମନ୍ଦିର, ସାଇବାବା ମନ୍ଦିର ଇତ୍ୟାଦି ଧାର୍ମିକ ପୀଠ ମଧ୍ୟ ବୁଲିବାକୁ ଯାଇପାରିବେ। ସେହିପରି ଏଠାରେ ଏକ ଜୈନ ମନ୍ଦିର ମଧ୍ୟ ରହିଛି।


**ଚର୍ଚ୍ଚ ଓ ମସ୍‌ଜିଦ:** ଗୋଆରେ ଖାସ୍ କରି ମାର୍ଗାଓରେ ଅନେକ ଚର୍ଚ୍ଚ ମଧ୍ୟ ଦେଖିବାକୁ ମିଳିଥାଏ। ଯେମିତିକି ହୋଲି ସ୍ପିରିଟ୍ ଚର୍ଚ୍ଚ, ଦ ଗ୍ରେସ୍ ଚର୍ଚ୍ଚ, ଦ ସେଣ୍ଟ ସେବାଷ୍ଟିଆନ୍ ଚର୍ଚ୍ଚ ଇତ୍ୟାଦି ଅନ୍ୟତମ। ସେହିପରି ଏଠାରେ ଦୁଇଟି ମସ୍‌ଜିଦ୍ ବି ରହିଛି।

**ମାର୍ଗାଓ ଟାଉନ୍ ହଲ୍:** ଏହା ସହରର ଠିକ୍ ମଧ୍ୟବର୍ତ୍ତୀ ଅଞ୍ଚଳରେ ଗଢି ଉଠିଛି। ଆଉ ଏହି ଟାଉନ୍ ହଲ୍ ପଛପଟେ ରହିଛି ମାର୍ଗାଓ ମ୍ୟୁନିସିପାଲିଟି ଗାର୍ଡେନ। ପର୍ଯ୍ୟଟକ ଉକ୍ତ ଟାଉନ୍ ହଲ୍ ବୁଲିବା ସହ ଗାର୍ଡେନରେ ଯାଇ ବୁଲାବୁଲି କରିପାରିବେ।

### ବାଣିଜ୍ୟିକ ଓ ସାଂସ୍କୃତିକ ଭିତ୍ତିଭୂମି

ମାର୍ଗାଓରେ ଏକ ସ୍ୱତନ୍ତ୍ର ବଜାର ମଧ୍ୟ ରହିଛି, ଯେଉଁଠାରେ ବିଭିନ୍ନ ପ୍ରକାର ମସଲା ଏବଂ ଶୁଖୁଆ ବିକ୍ରି କରାଯାଇଥାଏ। ତା'ଛଡ଼ା ଏଠାରେ ନାନାଦି ସୁସ୍ୱାଦୁ ବ୍ୟଞ୍ଜନ ତିଆରି କରାଯାଇ ତାହାକୁ ସ୍ୱତନ୍ତ୍ର ପ୍ରିଜର୍ଭ କ୍ୟାନ୍‌ରେ ରଖି ବାହାରକୁ ରପ୍ତାନି କରାଯାଇଥାଏ। ଏହା ଏଠାକାର ଏକ ମୁଖ୍ୟ ବ୍ୟବସାୟ କହିଲେ ଚଳେ। ସେହିପରି ଏଠାକାର ସଂସ୍କୃତି ବି ବେଶ୍ ସମୃଦ୍ଧ। ସେଥିପାଇଁ ତ କେହି କେହି ମାର୍ଗାଓକୁ ଗୋଆର ସାଂସ୍କୃତିକ ରାଜଧାନୀ ବି କହିଥାନ୍ତି। ଏଠାରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ରହିଛି ରବୀନ୍ଦ୍ର ଭବନ, ବିଦ୍ୟା ନିକେତନ, ଥିଏଟର୍, ସିନେମା ହଲ୍ ଇତ୍ୟାଦି।















# ଡିଗ୍ରୀଧାରୀ କୁକୁର

ବେଳେବେଳେ ପୋଷା ଜୀବଜନ୍ତୁ ମଣିଷ ଜୀବନର ବିଶେଷ ଅଙ୍ଗ ପାଲଟି ଯାଆନ୍ତି। ଯେମିତି କି ଆମେରିକା, ନ୍ୟୁୟର୍କରେ କ୍ଲାର୍କସନ୍ ବିଶ୍ୱବିଦ୍ୟାଳୟରେ ଅକୁପେଶନାଲ ଥେରାପିରେ ଡିଗ୍ରୀ କରୁଥିବା ୨୫ ବର୍ଷୀୟା ଭିନ୍ନକ୍ଷମ ଯୁବତୀ ବ୍ରିଟନୀ ହୌଲେଙ୍କ ଜୀବନରେ ତାଙ୍କ ପୋଷା କୁକୁର ପାଲଟିଛି ସବୁକିଛି। ଗ୍ରିଫିନ ନାମକ ଏହି କୁକୁର ହ୍ୱିଲ୍ ଚେୟାରରେ ଜୀବନ ବିତାଉଥିବା ବ୍ରିଟନୀଙ୍କ ଜୀବନକୁ ବେଶ୍ ସହଜ କରିଦେଇଛି। ତାଙ୍କର ଚାପଗ୍ରସ୍ତ ଜୀବନକୁ ହାଲ୍‌କା କରିବା ସହ ଛୋଟ ଛୋଟ ଇଶାରାରେ ଗ୍ରିଫିନ ବ୍ରିଟନୀଙ୍କ ହାତକୁ ମୋବାଇଲ୍ ବଢାଇ ଦେବା, କବାଟ ଖୋଲିଦେବା, ଲାଇଟ୍ ସୁଇଚ୍ ଅନ୍ ଅଫ୍ କରି ଦେବା, କ୍ଷଣକରେ ବିଭିନ୍ନ ଆବଶ୍ୟକ ଜିନିଷ ହାତକୁ ବଢାଇ ଦେବା ଏବଂ ବ୍ରିଟନୀ ରୋଗୀଙ୍କୁ ଥେରାପୀ ଦେବାବେଳେ ବି ସେ ସାହାଯ୍ୟ କରେ। ସେଥିପାଇଁ ଅନେକ ରୋଗୀ କୁହନ୍ତି ଆମର ଥେରାପିଷ୍ଟ ବ୍ରିଟନୀ ଓ ଗ୍ରିଫିନ ବୋଲି। ଏସବୁ ଦେଖିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କେବଳ ବ୍ରିଟନୀଙ୍କୁ ନୁହେଁ ଗ୍ରିଫିନ୍‌କୁ ବି ଡିଗ୍ରୀ ଦେବା ଲାଗି ନିଷ୍ପତ୍ତି ନେଇଥିଲେ। କାରଣ ସେ ଅନ୍ୟ ଛାତ୍ରଙ୍କ ପରି ହିଁ ଅନେକ ପରିଶ୍ରମ କରିଥିଲା। ଶେଷରେ ନିର୍ଦ୍ଧାରିତ ଦିନରେ ବ୍ରିଟନୀ ଡିଗ୍ରୀ ହାସଲ କରିବା ସହ ଗ୍ରିଫିନ୍‌କୁ ବି କଳା ଟୋପି ପିନ୍ଧାଇ ମଞ୍ଚ ଉପରେ ଡିଗ୍ରୀ ଧାରଣର ମାନପତ୍ର ପ୍ରଦାନ କରାଗଲା। ଏହି ସାହାଯ୍ୟକାରୀ କୁକୁରକୁ ବ୍ରିଟନୀ 'ପ'ସ୍ ଫରପ୍ରିଜନ୍ସ'ରୁ ଆଣିଥିଲେ। ଯେଉଁଠି କୁକୁରଙ୍କୁ ଉଚ୍ଚମାନର ତାଲିମ ପ୍ରଦାନ କରାଯାଇଥାଏ। ସେଠିଥିବା ଅନେକ କୁକୁର ଭିତରୁ ଗ୍ରିଫିନ୍‌ହିଁ ତାଙ୍କ ନିକଟକୁ ଆସି ଗେହ୍ଲେଇ ହୋଇଥିଲା। ତେଣୁ ବ୍ରିଟନୀ ତାକୁ ନିଜ ସହ ନେଇଆସିଥିଲେ। ସେବେଠାରୁ ସେ ତାଙ୍କର ସାହାରା ପାଲଟିଛି।

## କାର୍ଟୁନ କର୍ନର



# ଆଙ୍କର ହେବା ସହଜ ନୁହେଁ

ଯାତ୍ରାର ପ୍ରଥମ ଚରଣ ଆରମ୍ଭ ହୁଏ ଆଙ୍କରିଂରୁ। ଯାତ୍ରା ଦେଖିବାକୁ ଯାଉଥିବା ଦର୍ଶକମାନେ ପ୍ରଥମେ ଯାହାଙ୍କୁ ଦେଖି ତାଳିମାଡ଼ କରନ୍ତି ସେ ହେଉଛନ୍ତି ଜଣେ ଆଙ୍କର। ତେଣୁ ଯାତ୍ରାରେ ଜଣେ ଆଙ୍କର୍‌ର ଭୂମିକା କିଛି କମ୍ ନୁହେଁ ବୋଲି କହନ୍ତି ଯାତ୍ରା ଜଗତର ଜଣେ ସ୍ୱନାମଧନ୍ୟ ଆଙ୍କର ଅଭି କୁମାର ଓରଫ୍ ଅଭିମନ୍ୟୁ ପରିଡ଼ା। ଚଳିତ ଯାତ୍ରାଋତୁରେ ସେ ଆଙ୍କରିଂ କରୁଛନ୍ତି ଯାତ୍ରା ସ୍ୱର୍ଣ୍ଣମହଲ୍‌ରେ। ତେବେ ଅଭି କୁମାରଙ୍କ ପରିଚୟ କେବଳ ଆଙ୍କରିଂ ମଧ୍ୟରେ ସୀମିତ ହୋଇ ରହିନାହିଁ। ସେ ମଧ୍ୟ ଜଣେ ଅଭିନେତା। ହେଲେ ଅଭିନେତା ଭାବରେ ନୁହେଁ, ଜଣେ ଆଙ୍କର ଭାବରେ ନିଜକୁ ପ୍ରତିଷ୍ଠିତ କରିବା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ। ନୟାଗଡ଼ର ବାଦଭୂଇଁ ଗ୍ରାମରେ ଜନ୍ମଗ୍ରହଣ କରିଥିବା ସତ୍ୟବାଦୀ ପରିଡ଼ା ଓ ଶାନ୍ତି ପରିଡ଼ାଙ୍କ ଏହି ସୁଯୋଗ୍ୟ ସନ୍ତାନ ପ୍ରଥମେ ଭେଟେରାନ୍ ଅଭିନେତା କୈଳାଶ ବେହେରାଙ୍କ ସହଯୋଗୀ ଭାବରେ କାମ କରିବା ଆରମ୍ଭ କରିଥିଲେ। କୈଳାଶ ବେହେରା ହିଁ ତାଙ୍କୁ ଶିଖେଇଥିଲେ ଅଭିନୟର ଅ ଆ କ ଖ। ସେ ହିଁ ତାଙ୍କୁ କହିଥିଲେ, 'ତୁ ଆଙ୍କରିଂ କର। ଭଲ କରିପାରିବୁ।'


ଅଭିମନ୍ୟୁ ପରିଡ଼ା

ପିଲାଟିବେଳୁ ଅଭିନୟ ପ୍ରତି ରୁଚିଥିଲା। ଗାଁ ଡ୍ରାମାରେ ପାର୍ଟ କରୁଥିଲେ। ଲୋକମାନେ ବାହାବାଃ ଦେଉଥିଲେ। ଗାଁର ଲୋକମାନେ କହୁଥିଲେ, ତୁ ଯାତ୍ରା ପାର୍ଟିକୁ ଯା। ତୋ ଭିତରେ ଅଭିନୟ ଅଛି। ଏଠି ରହିଲେ ବଣମଲ୍ଲୀ ପରି ମଉଳି ଯିବୁ। ଗାଁ ଲୋକଙ୍କ ପ୍ରେରଣା ତଥା ବାପାମା'ଙ୍କ ସହଯୋଗରେ ଅଭି କୁମାର ଆସିଲେ ଯାତ୍ରାପାର୍ଟିକୁ। ଏହା ହେଉଛି ୨୦୧୩ ମସିହାର କଥା। ତେବେ ତାଙ୍କୁ ଦର୍ଶକଙ୍କ ନିକଟରେ ପରିଚିତ କରାଇଲା ଯାତ୍ରା ରଙ୍ଗମହଲ। ଏହି ଅନୁଷ୍ଠାନର ଚର୍ଚ୍ଚିତ ନାଟକ 'ଖରାପ ଝିଅର ଗପ'ରେ ତାଙ୍କୁ ମିଳିଲା ରାମପଦ ଭୂମିକା। ତାହା ଥିଲା ଏକ ନେଗେଟିଭ୍ ଚରିତ୍ର। ସେଇ ଚରିତ୍ରରେ ଅଭିନୟ କରି ସେ ଦର୍ଶକଙ୍କ ମନ କିଣିନେଲେ। ଏପରିକି ନିର୍ଦ୍ଦେଶକ ତଥା ପ୍ରଯୋଜକମାନେ ତାଙ୍କ ଭିତରେ ଥିବା ପ୍ରତିଭାର ସୁରାକ୍ ପାଇଗଲେ। ସେବେ ଠୁ ଅଭିକୁମାରଙ୍କ ଗାଡ଼ି ଚାଲିଛି ଯେ ଚାଲିଛି। ଇତିମଧ୍ୟରେ ସେ ଆଙ୍କରିଂ କରିବା ସହିତ ଖରାପ ଝିଅର ଗପ, ଆମ ଗାଁ ଜଗନ୍ନାଥ ତୁମ ଗାଁ ଆଲ୍ଲା, ମୁନ୍ନୀ ବଦନାମ ହୁଇ, ଯାହା କହିବି ସତ କହିବି, ତମ ପିଲାର ମା' ହେବିନି, ଫଗୁଣ ଦେଶର ରାଜକୁମାରୀ ଭଳି ନାଟକରେ ଅଭିନୟ କରିସାରିଛନ୍ତି।

ଆଙ୍କରିଂ ପ୍ରତି କାହିଁକି ମନବଳିଲା ପ୍ରଶ୍ନରେ ଅଭି କହନ୍ତି : ଯାତ୍ରାରେ ପାଞ୍ଚଜଣ ହିରୋ, ତିନିଜଣ ଭିଲିଆନ୍। ହେଲେ ଜଣେ ମାତ୍ର ଆଙ୍କର। ମୁଁ ଚିନ୍ତାକଲି, ପାଞ୍ଚଜଣ ହିରୋ ବା ତିନିଜଣ ଭିଲିଆନ୍‌ଙ୍କ ମଧ୍ୟରେ ପ୍ରତିଯୋଗିତା କାହିଁକି କରିବି। ଜଣେ ଆଙ୍କର କାହିଁକି ନ ହେବି। ଏଥିସହିତ ସେ କହନ୍ତି, ମୁଁ ଜଣେ ଆଙ୍କର ପୁଣି ଆକ୍ଟର ହୋଇଥିବାରୁ ବୁଝିଛି ଆଙ୍କର ହେବା ସହଜ କଥା ନୁହେଁ। ଆକ୍ଟରମାନଙ୍କ ପାଇଁ ସ୍କ୍ରିପ୍ଟ ଥାଏ। ସେମାନେ ତାହାକୁ ନେଇ ଅଭିନୟ କରିଥାନ୍ତି। ହେଲେ ଆଙ୍କର ନିଜେ ସ୍କ୍ରିପ୍ଟ କରେ। ନିଜେ ବି ଉପସ୍ଥାପନା କରେ। ପୁଣି ଉପସ୍ଥିତ ବୁଦ୍ଧି ଖଟାଇ ତତ୍କ୍ଷଣାତ୍ ଦର୍ଶକମାନଙ୍କର ମନୋରଞ୍ଜନ କରିବାକୁ ପଡ଼େ। ତାଙ୍କର ସଫଳତା ପଛରେ ସବୁଠୁ ବେଶି ରହିଛି ବାପାମା'ଙ୍କ ଆଶୀର୍ବାଦ ଆଉ ଗାଁ ଲୋକଙ୍କ ପ୍ରେରଣା। ତେଣୁ ସେ ଶେଷପର୍ଯ୍ୟନ୍ତ ସେମାନଙ୍କ ଆଶା ବିଶ୍ୱାସ ଭରସାକୁ ତଳେ ପକେଇ ଦେବେ ନାହିଁ। ନିଜକୁ ଜଣେ ଭଲ ଆଙ୍କର ଭାବରେ ପ୍ରତିଷ୍ଠା କରିବେ।



ପୀୟୂଷ ତ୍ରିପାଠୀ

# ଖଳନାୟକ ନୁହେଁ; ଆଣ୍ଟିହିରୋ

ଓଡ଼ିଶା ଯାତ୍ରା ଜଗତରେ ଏବେ ଯେଉଁ କେତେଜଣ ଯୁବପ୍ରତିଭା ନେଗେଟିଭ୍ ଭୂମିକାକୁ ଏକ ନୂଆଟ୍ରେଣ୍ଡ ଦେବା ଆରମ୍ଭ କରିଛନ୍ତି ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ଯୁବ ଖଳନାୟକ ପୀୟୂଷ ତ୍ରିପାଠୀ। ପୀୟୂଷଙ୍କ ଅଭିନୀତ 'ମୁଁ କେନ୍ଦ୍ରାପଡ଼ାର ବାବା', 'ରାଧା ପିନ୍ଧିଦେଲା ମୀରା ସିନ୍ଦୂର', 'କଉଡ଼ିଖେଳ (ଦ୍ୱିତୀୟଭାଗ)' ଆଦି ନାଟକକୁ ଏହାର ଗୋଟିଏ ଗୋଟିଏ ଉଦାହରଣ ଭାବରେ ନିଆଯାଇପାରେ। ମଞ୍ଚରେ ଗର୍ଜନ ତର୍ଜନ ନାହିଁ, ଚେହେରାରେ ବୀଭତ୍ସତା ନାହିଁ; ମାତ୍ର ଅଭିନୟରେ ରହିଛି ପ୍ରଚୁର ଖଳନାୟକୀ। ହସିହସି ସଂଳାପ କୁହାଯାଉଥିବ ସତ; ହେଲେ ସେଇଥିରେ ଦର୍ଶକଙ୍କ ରକ୍ତ ତାତୁଥିବ ଆଉ ଛାତି ଥରୁଥିବ। ଖଳନାୟକର ଏହି ନୂଆ ଟ୍ରେଣ୍ଡକୁ ଦର୍ଶକ ବି ବେଶ୍ ପସନ୍ଦ କରୁଛନ୍ତି। ସେଥିଲାଗି, ସେମାନଙ୍କୁ 'ଖଳନାୟକ' ବୋଲି ନ କହି କେହିକେହି 'ଆଣ୍ଟିହିରୋ' ବୋଲି ମଧ୍ୟ କହିବା ଆରମ୍ଭ କରିଛନ୍ତି। ନେଗେଟିଭ ଭୂମିକାରେ ଆଜି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପୀୟୂଷଙ୍କ କ୍ୟାରିୟର ଯେ, ଆରମ୍ଭ ହୋଇଥିଲା ନାୟକ (ହିରୋ) ଭାବରେ ହୁଏତ ଏକଥା ଖୁବ୍ କମ୍ ଦର୍ଶକ ଜାଣିଥିବେ। କଟକ ଲିଙ୍କରୋଡ଼ ଖପୁରିଆର ଏହି କଳାପ୍ରେମୀ ଯୁବକଜଣକ ଯାତ୍ରାପ୍ରତି ଆକର୍ଷିତ ହୋଇ ପ୍ରଥମେ ଯୋଗ ଦେଇଥିଲେ ବିଶ୍ୱଜନନୀ ଗଣନାଟ୍ୟରେ। ସେଠାରେ ତାଙ୍କର ନାଟକ ଥିଲା 'ଶାଗୁଣା ଯାଉଛି ଶ୍ୱଶୁର ଘର' ଏବଂ 'ମୋ ସ୍ୱାମୀ ନାହାନ୍ତି ଘରେ'। ଏଥିରେ ସେ ନାୟକ ଭାବରେ ଅଭିନୟ କରିଥିଲେ। ପରବର୍ଷ ସେ ଯୋଗଦେଲେ କୋଣାର୍କ ଗଣନାଟ୍ୟରେ। ସେଇଠି ବଦଳିଗଲା ତାଙ୍କ ଅଭିନୟର ଧାରା। କୋଣାର୍କରେ ତାଙ୍କର ବିଶିଷ୍ଟ ଅଭିନେତା ଦୈତ୍ୟାରୀ ପଣ୍ଡାଙ୍କ ସହ ସାକ୍ଷାତ ହେଲା। ସେ ପୂର୍ବରୁ ଦୈତ୍ୟାରୀ ପଣ୍ଡାଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ସେ ହିଁ ତାଙ୍କୁ ଖଳଚରିତ୍ରରେ ଅଭିନୟ କରିବାକୁ କହିଲେ। ଖାଲି କହିଲେନି, ହାତ ଧରି ଯେମିତି ପିଲାକୁ ଖଡ଼ି ମଡ଼ାଯାଏ ସେମିତି ଅଭିନୟ ଶିଖେଇଲେ। ପୀୟୂଷ କହନ୍ତି : 'ମୁଁ ଆଜି ଯାହା ହୋଇଛି ଦଇତାରୀନନାଙ୍କ ପାଇଁ ହୋଇଛି। ସେ ମୋ ଅଭିନୟ ଜୀବନର ବାପା। ସେ ମୋ ଗୁରୁ। ସେ ମୋର ଆଦର୍ଶ। ସେ ମୋର ସବୁକିଛି।' ଇତିମଧ୍ୟରେ ଯାତ୍ରା ଜଗତରେ ପାଞ୍ଚବର୍ଷ ଅତିବାହିତ କରିସାରିଥିବା ପୀୟୂଷ ବିଶ୍ୱଜନନୀ, କୋଣାର୍କ, ଇନ୍ଦ୍ରଭୁବନ, ରଙ୍ଗମହଲ ଆଦିରେ ନିଜର ଅଭିନୟ ପ୍ରଦର୍ଶନ କରି ସମ୍ପ୍ରତି ପାର୍ବତୀରେ ଅଭିନୟ କରୁଥିବା ବେଳେ ଆସନ୍ତା ସିଜନ୍‌ରେ ସେ ଯାତ୍ରା ସୂର୍ଯ୍ୟମନ୍ଦିରରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି। ସେଥିପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ସେ। ବର୍ତ୍ତମାନର ଯୁବପିଢ଼ି 'ଫିଟ୍ ଆଣ୍ଡ ଫାଇନ୍' ଉପରେ ଗୁରୁତ୍ୱ ଦେଉଥିବାରୁ ସେ ନିଜର ବଡ଼ି ଫିଟ୍‌ନେସ୍ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯାତ୍ରାକୁ ନେଇ ଅନେକ କ୍ଷୋଭ ରହିଛି ପୀୟୂଷଙ୍କ ମନରେ। ସେ କହନ୍ତି, ଯାତ୍ରା ପ୍ରତି ସରକାରଙ୍କର ନଜର ନାହିଁ। ପୁଣି ଯାତ୍ରାରେ ଅନେକ ରାବଣ ରହିଛନ୍ତି ଯେଉଁମାନେ ସବୁବେଳେ ଗୋଡ଼ଟଣା ନୀତି ଅବଲମ୍ବନ କରୁଛନ୍ତି। ଫଳରେ ପ୍ରତିଭାବାନ ଯୁବକମାନେ ଆଗକୁ ଆସିପାରୁ ନାହାନ୍ତି। ସେଥିଲାଗି ଯାତ୍ରାକୁ ନେଇ କୌଣସି ସ୍ୱପ୍ନ ଦେଖି ହେଉନାହିଁ। ଓଡ଼ିଶାରେ ଯାତ୍ରାର ଏକ ବଡ଼ ପରମ୍ପରା ରହିଛି। ହେଲେ ପ୍ରଥମେ ଏସବୁରୁ ଯାତ୍ରା ମୁକ୍ତ ହେବା ଦରକାର। ବାପା ନଗେନ୍ଦ୍ରନାଥ ତ୍ରିପାଠୀ, ମା' ଉଷାରାଣୀ ତ୍ରିପାଠୀ, ପତ୍ନୀ ରିଙ୍କି ତଥା ଏକମାତ୍ର ପୁତ୍ର ଆୟୁଷକୁ ନେଇ ସୁଖର ଜୀବନ ବିତାଉଥିବା ପୀୟୂଷଙ୍କର ଗୋଟିଏ ସ୍ୱପ୍ନ ହେଉଛି, ତାଙ୍କ ଗୁରୁ ଦଇତାରୀ ପଣ୍ଡା 'କଂସେଇଖାନା'ରେ ଯେଉଁଭଳି ଏକ ମାଇଚିଆ ଚରିତ୍ରରେ ଆସିଥିଲେ ସେ ବି ସେମିତି ଏକ ଚରିତ୍ରରେ ଅଭିନୟ କରନ୍ତେ। ସେ କେବଳ ସମୟ ଆଉ ସୁଯୋଗର ଅପେକ୍ଷାରେ ଅଛନ୍ତି।


# ସବୁଜ ଡ୍ରେସ୍ ପିନ୍ଧିଥିଲେ ବୋଲି...


ବେଳେବେଳେ ଏମିତି ଘଟଣା ଘଟେ ଯାହା ଆମ କଳ୍ପନାର ପରିସରକୁ ମଧ୍ୟ ଛୁଇଁ ନ ଥାଏ। ସେମିତି ଗୋଟିଏ ଘଟଣା ଘଟିଛି ସାରା ଲ୍ୟୁକ୍ ନାମ୍ନୀ ଜନୈକା ତରୁଣୀଙ୍କ କ୍ଷେତ୍ରରେ। ଟେକ୍ସାସର ଏହି ତରୁଣୀ ଗାଲଭେନ୍‌ଷ୍ଟନ ଠାରେ ଥିବା ଏକ ୱାଲମାର୍ଟ ମଲ୍‌କୁ ଯାଇଥିଲେ। ଉଦ୍ଦେଶ୍ୟ ଥିଲା ଲାରିନ୍‌ଜାଇଟିସ୍ ମେଡିକେଶନ୍ ଆଣିବା। ସାରା ତ ସେ କାମ ସାରିଲେ। ଫେରିବା ବେଳକୁ ତାଙ୍କର ନଜର




ପଡ଼ିଲା ମଲ୍ ମଧ୍ୟରେ ଥିବା ଗାର୍ଡେନ୍ ସେଣ୍ଟର ଉପରେ। ଗାର୍ଡେନ୍‌ରେ ନାନା କିସମର ସବୁଜିମା ପରିପୂର୍ଣ୍ଣ ଗଛବୃଛ ରହିଥିଲା। ସାରାଙ୍କୁ ତାହା ଆକର୍ଷିତ କଲା। ଆଉ ସେ ଗାର୍ଡେନ ସେଣ୍ଟର ଭିତରେ ପଶି ତାହାକୁ ଉପଭୋଗ କରିବାକୁ ଲାଗିଲେ। ତେବେ ଏହା ଭିତରେ ଯେ, ଏକ ଘଟଣା ଘଟିସାରିଥିଲା ତାହା ତାଙ୍କୁ ଜଣା ନ ଥିଲା। ଅର୍ଥାତ୍ ସେ ଆସିବାକୁ ବାହାରିବା ବେଳକୁ ଜାଣିଲେ ଯେ, ସେଣ୍ଟରଟି ବନ୍ଦ ହୋଇସାରିଛି। ଆଉ ସେ ତାହା ଭିତରେ ବନ୍ଦୀ ହୋଇସାରିଛନ୍ତି। ଏହା ଜାଣି ତାଙ୍କର ବୁଦ୍ଧିବୃତ୍ତି ହଜିଗଲା। ତାଙ୍କର ଲାରିନ୍‌ଜାଇଟିସ୍ ସମସ୍ୟା ଥିବାରୁ ବଡ଼ପାଟିରେ ଡାକି ପାରୁ ନ ଥିଲେ। କବାଟ ବାଡ଼ଉଥିଲେ ବି କେହି ଶୁଣୁ ନ ଥିଲେ। ଶେଷକୁ ସେ ନିକଟସ୍ଥ ପୋଲିସ୍ ଷ୍ଟେଶନ୍‌କୁ ଫୋନ୍‌କଲେ। ପୋଲିସ୍ ଆସିବା ପରେ ଯାଇ ରୁଦ୍ଧ ଗାର୍ଡେନ୍ ସେଣ୍ଟରରୁ ମୁକ୍ତି ପାଇଲେ ସେ। ଜଣାଗଲା ଯେ, ସେଣ୍ଟର ବନ୍ଦ କରିବା ପୂର୍ବରୁ ଚେକ୍ କରାଯାଇଥିଲେ ମଧ୍ୟ ସାରା ଏକ ଡିପ୍ ଗ୍ରୀନ୍ ଡ୍ରେସ୍ ପିନ୍ଧିଥିବାରୁ ତାହା କେହି ଜାଣି ପାରି ନ ଥିଲେ।

ବ୍ୟାକ୍ ପେଜ୍









# ଲିପ୍ ଆର୍ଟ

ବଡି ଆର୍ଟ, ଫେସ୍ ଆର୍ଟ ସମ୍ପର୍କରେ ଅନେକେ ଜାଣିଥିବେ ଓ ଦେଖିଥିବେ ମଧ୍ୟ। ତେବେ ମେକ୍‌ଅପ୍ ଆର୍ଟିଷ୍ଟ ର୍‌ୟାନ୍ କେଲି କରୁଥିବା ଲିପ୍ ଆର୍ଟ ସବୁଠାରୁ ଭିନ୍ନ ଓ ସ୍ୱତନ୍ତ୍ର। ତାଙ୍କ ପାଇଁ ଓଠ ସାଜେ କାନ୍‌ଭାସ୍। ତା’ରି ଉପରେ ସେ ଏତେ ସୁନ୍ଦର ଓ ନିଖୁଣ ଚିତ୍ର କରନ୍ତି ଯେ, ଦେଖିବା ଲୋକ ଚକିତ ହୋଇଯାଆନ୍ତି। ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ଲୋକପ୍ରିୟ କାର୍ଟୁନ୍ ଚରିତ୍ର, ପ୍ରସିଦ୍ଧ ପେଣ୍ଟିଂ ଆଦିକୁ ସେ ଏହି ଛୋଟିଆ କାନ୍‌ଭାସ୍‌ରେ ଉତାରି ଥାଆନ୍ତି। ଏହି ଆର୍ଟକୁ ର୍‌ୟାନ ୪ ବର୍ଷ ପୂର୍ବେ ମଜାରେ ମଜାରେ କରିବା ଆରମ୍ଭ କରିଥିଲେ। ଦିନେ ସେ ଓ ତାଙ୍କ ସ୍ୱାମୀ ଟିଭିରେ ଏକ ଡ୍ୟାନ୍ସ କାର୍ଯ୍ୟକ୍ରମ ଦେଖୁଥାଆନ୍ତି। ସେଥିରେ ଜଣେ ଡ୍ୟାନ୍ସର ଉଭୟଙ୍କୁ ପ୍ରଭାବିତ କରିଥିଲେ। ଯେକି କୋରିଓଗ୍ରାଫି ସମୟରେ ଠିକ୍‌ଭାବେ ଡ୍ୟାନ୍ସ କରିପାରୁ ନ ଥିବାବେଳେ ପ୍ରତିଯୋଗିତାରେ ବହୁତ ସୁନ୍ଦରଭାବେ ନୃତ୍ୟ କରୁଥିଲେ। ଆଉ ସେ ‘ଲେଫ୍ଟ ଶାର୍କ’ ଭାବେ ପରିଚିତ ହେଉଥିଲେ। ର୍‌ୟାନ୍‌ଙ୍କ ସ୍ୱାମୀ ଚାହିଁଥିଲେ ର୍‌ୟାନ୍ ତାଙ୍କ ଓଠରେ ଏକ ଶାର୍କ ଚିତ୍ର ଓ ଆଙ୍ଗୁଠିରେ ତାର ଡେଣା ଚିତ୍ର କରି ସେହି ପ୍ରତିଯୋଗୀଙ୍କର ନକଲ କରିବେ। ଆଉ ର୍‌ୟାନ୍ କରିଥିଲେ ମଧ୍ୟ। ତା ସହ ନିଜ ମୁହଁର ମେକ୍‌ଓଭର୍‌ର ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଲୋକେ ଏହାକୁ ବହୁତ ପସନ୍ଦ କରିଥିଲେ। ଏହାପରଠାରୁ ହିଁ ର୍‌ୟାନ୍‌ଙ୍କର ଲିପ୍ ଆର୍ଟ ପ୍ରତି ଆଗ୍ରହ ବଢିଯାଇଥିଲା। ଆଉ ଅଧିକରୁ ଅଧିକ ଲିପ୍ ଆର୍ଟ କରିବାକୁ ଲାଗିଲେ। ଏବେ ସେ ଏହି ଛୋଟିଆ ସ୍ଥାନରେ ଚମତ୍କାର ପେଣ୍ଟିଂ କରୁଛନ୍ତି। ଝିଅ ଜନ୍ମ ହେବା ପୂର୍ବରୁ ଏହି ଆର୍ଟ କରିବା ପାଇଁ ସେ ଘଣ୍ଟା ଘଣ୍ଟା ସମୟ ନେଉଥିଲେ। ହେଲେ ଏହାପରେ ସେ ଝିଅକୁ ସମୟ ଦେବା ପାଇଁ କିଭଳି ଶୀଘ୍ର ହୋଇପାରିବ ଚେଷ୍ଟା କଲେ। ଏବେସେ ଟ୍ରାନ୍ସଫର ପେପର୍‌ରେ ପ୍ରଥମେ ଚିତ୍ର କରି ପରେ ଓଠରେ ତାକୁ ଲଗାଇ ରଙ୍ଗ ଭରନ୍ତି। ଆଇନା ଦେଖି ସେହି ଚିତ୍ରକୁ ସେଟ୍ କରିବା ଓ ନିଖୁଣଭାବେ ରଙ୍ଗ ଦେବା ଏତେ ସହଜ ନୁହେଁ। ଏଥିପାଇଁ ତାଙ୍କୁ ପ୍ରାୟ ୨ ଘଣ୍ଟା ସମୟ ଲାଗିଯାଏ।

# ମସଲ୍ ମମ୍

କର୍ଣାଟକ, ବାସଭପୁରର ମମଥା ସନଥକୁମାର ଦିନେ ଅନ୍ୟ ସାଧାରଣ ମହିଳାଙ୍କ ଭଳି ଘର କାମ ଓ ପିଲା ସମ୍ଭାଳିବା କାମ କରୁଥିଲେ। ତାଙ୍କ ପରିବାର ଥିଲା ସମ୍ପୂର୍ଣ୍ଣଭାବେ ରକ୍ଷଣଶୀଳ। ସେଭଳି ପରିବାରର ବୋହୂ ହୋଇ ଦିନେ ସେ ବଡି ବିଲ୍ଡିଂରେ କ୍ୟାରିୟର୍ କରିବେ ଓ ସେଥିରେ ଚାମ୍ପିୟନ ହେବେ ବୋଲି କେହି ଭାବି ନ ଥିଲେ। ଏମିତିକି ମମଥା ବି ନୁହେଁ। ପୂର୍ବରୁ ସେ ଖୁବ୍ ମୋଟୀ ଥିଲେ। ୨୦୧୫ ନଭେମ୍ବର ମାସ ପର୍ଯ୍ୟନ୍ତ ୯୦କି.ଗ୍ରା. ଥିଲା ତାଙ୍କ ଓଜନ। ବର୍ଗର, ପିଜ୍ଜା, ସଫ୍ଟ ଡ୍ରିଙ୍କ ଆଦି ଥିଲା ତାଙ୍କର ବହୁତ ପ୍ରିୟ। ତେବେ ହଠାତ୍ ତାଙ୍କ ମନରେ ୱାର୍କଆଉଟ୍ କରିବାର ଇଚ୍ଛା ଆସିଥିଲା। ଆଉ ମନଯୋଗର ସହ ବ୍ୟାୟାମ କରିଥିଲେ। ଫଳରେ ତାଙ୍କ ଓଜନ କମି ୬୨ କି.ଗ୍ରା. ହୋଇଗଲା। ଏହାପରଠାରୁ ଜିମ୍ ଯାଇ ବ୍ୟାୟାମ କରିବା ଯେମିତି ତାଙ୍କର ନିଶା ପାଲଟିଗଲା। ଆଉ ଧୀରେ ଧୀରେ ସେ ଜିମ୍ ଇନ୍‌ଷ୍ଟ୍ରକ୍ଟର ବି ହୋଇଗଲେ। ଏହି କ୍ୟାରିୟର୍‌ରେ ସେ ବେଶ୍ ଖୁସ୍ ଥିଲେ। ତା’ସହ ଝିଅ ଓ ସ୍ୱାମୀଙ୍କ କଥା ବି ବୁଝୁଥିଲେ। ତେବେ ଦିନେ ତାଙ୍କ ସ୍ୱାମୀଙ୍କ ଚାକିରି ଚାଲିଗଲା। ଫଳରେ ଘରର ଆର୍ଥିକ ସ୍ଥିତି ସୁଧାରିବାକୁ ସେ ଅଣ୍ଟା ଭିଡିଲେ। ଇନ୍‌ଷ୍ଟ୍ରକ୍ଟର କାମ ସହ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ସ୍ଥିର କଲେ। ହେଲେ ପରିବାରର ସହଯୋଗ ନ ଥିଲା। ସ୍ୱାମୀଙ୍କ ସହ ପରିବାରର ଅନ୍ୟ ଲୋକ ବି ଶରୀର ପ୍ରଦର୍ଶନ ନ କରିବାକୁ ବାରମ୍ବାର ତାଗିଦ୍ କଲେ। ତଥାପି ସେ ଅଟକି ନ ଥିଲେ। ସୋସିଆଲ୍ ମିଡିଆରେ ବି ନିଜର ବଳିଷ୍ଠ ଶରୀରର ଫଟୋ ଶେୟାର କରୁଥିଲେ। ଲୋକେ ତାଙ୍କୁ ପ୍ରଶଂସା କରୁଥିଲେ। ଯାହାକି ତାଙ୍କୁ ଆଗକୁ ବଢିବାର ପ୍ରେରଣା ଦେଉଥିଲା। ଆଉ ଶେଷରେ ସେ ହେଲେ ବଡି ବିଲ୍ଡିଂରେ ଚାମ୍ପିୟନ । ଆଉ ଝିଅ ପାଇଁ ସାଜିଲେ ମସଲ୍ ମମ୍। ଏବେ ତାଙ୍କ ପରିବାର ବି ତାଙ୍କ ସହ ଅଛନ୍ତି। ତାଙ୍କ ସ୍ୱାମୀଙ୍କୁ ଚାକିରି ମିଳିଯାଇଛି। ମମଥା ଜିମ୍‌ରେ ସମୟ ଦେବା ସହ ପେସାଦାର ବଡିବିଲ୍ଡର ପାଲଟିଛନ୍ତି।







